## ହୀରାକୁଦ ଡ୍ୟାମ୍‌ର ୧୦ ଗେଟ୍‌ରେ ବନ୍ୟାଜଳ ନିଷ୍କାସନ

ସମ୍ବଲପୁର: ହୀରାକୁଦ ଡ୍ୟାମର ଜଳସ୍ତର ବୁଧବାର ସନ୍ଧ୍ୟା ୬ଟା ସୁଦ୍ଧା ୬୦୦.୬୫ ଫୁଟ ରହିଛି। ପ୍ରତି ସେକେଣ୍ଡରେ ଜଳଭଣ୍ଡାର ମଧ୍ୟକୁ ୧ ଲକ୍ଷ ୩୩ ହଜାର ୧୩୬ କ୍ୟୁସେକ ଜଳ ପ୍ରବେଶ କରୁଛି। ଡାହାଣ ପାର୍ଶ୍ୱର ୩ଟି ଓ ବାମ ପାର୍ଶ୍ୱର ୭ଟି ସ୍ଲୁଇସ୍ ଗେଟ୍ ସହ ବିଭିନ୍ନ କେନାଲ ଓ ପାୱାର ଚ୍ୟାନେଲ ଦେଇ ପ୍ରତି ସେକେଣ୍ଡରେ ଜଳଭଣ୍ଡାରୁ ୧ ଲକ୍ଷ ୫୪ ହଜାର ୬୩୭ କ୍ୟୁସେକ ଜଳ ନିଷ୍କାସନ ହେଉଛି।

## ସଂକ୍ଷେପରେ

### ଝିଅ ପରେ ମା' କରୋନା ଆକ୍ରାନ୍ତ

ବରଗଡ଼ ଅଫିସ୍,୮।୭: ବରଗଡ଼ ଜିଲାରେ ବୁଧବାର ପୁଣି ଜଣେ କରୋନା(କୋଭିଡ୍-୧୯) ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଆକ୍ରାନ୍ତ ଜଣକ ଅତାବିରା ବ୍ଲକ୍ ଅଧୀନ କୁଲୁଣ୍ଡା ଗ୍ରାମର ଜଣେ ମହିଳା। ଭୁବନେଶ୍ୱରସ୍ଥିତ ଏମ୍ସରେ ଚିକିତ୍ସାଧୀନ ଥିବା ତଥା ପୂର୍ବରୁ କରୋନାରେ ସଂକ୍ରମିତ ନିଜ ଝିଅ ସଂସ୍ପର୍ଶରେ ଆସି ସେ କରୋନା ଆକ୍ରାନ୍ତ ହୋଇଥିବା ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ ସୂଚନା ଦେଇଛନ୍ତି। ଏହାକୁ ମିଶାଇ ଅତାବିରା ବ୍ଲକରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୩ରେ ପହଞ୍ଚିଛି। ସେହିପରି ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୧୬୭ରେ ପହଞ୍ଚିଛି। ଅନ୍ୟପଟେ ବୁଧବାର ବରଗଡ଼ ଜିଲାର କଟାପାଲି ଗ୍ରାମର ୬ଜଣ ଆକ୍ରାନ୍ତ ସୁସ୍ଥ ହୋଇଥିବା ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦାଶ ସୂଚନା ଦେଇଛନ୍ତି।

### ସୁନ୍ଦରଗଡ଼ରେ ପୁଣି ୭୮ ପଜିଟିଭ ଚିହ୍ନଟ

ସୁନ୍ଦରଗଡ଼,୮।୭ (ଡି.ଏନ୍.ଏ.)-ସୁନ୍ଦରଗଡ଼ ଜିଲାରେ ଦିନକୁ ଦିନ କରୋନା ସ୍ଥିତି ଜଟିଳ ହେବାରେ ଲାଗିଛି। ବୁଧବାର ଜିଲାରେ ପୁଣି ୭୮ ପଜିଟିଭ ଚିହ୍ନଟ ହୋଇଛନ୍ତି। ଲଗାତାର ଭାବେ ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବା ପରେ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। ରାଉରକେଲା ବିପିୟୁଟିରେ କାର୍ଯ୍ୟରତ ୨ଜଣ କରୋନା ଯୋଦ୍ଧା ମଧ୍ୟ ସଂକ୍ରମିତ ହୋଇଥିବା ଜଣାପଡିଛି। ବଣାଇ ଉପଖଣ୍ଡ ଜକୈଇକଳା ଗ୍ରାମପଞ୍ଚାୟତର ଜଣେ ବ୍ୟକ୍ତି କରୋନାରେ ଆକ୍ରାନ୍ତ ହୋଇଥିଲେ। ତାଙ୍କ ସଂସ୍ପର୍ଶରେ ଆସିଥିବା ପରିବାର ଲୋକେ ଅନ୍ୟ ଗ୍ରାମକୁ ଯାଇ ମିଳାମିଶା କରିଥିବାରୁ ଜକୈଇକଳା ଗ୍ରାମକୁ ସ୍ଥାନୀୟ ସରପଞ୍ଚ ୪୮ଘଣ୍ଟିଆ ଶଟ୍‌ଡାଉନ ଘୋଷଣା କରିଛନ୍ତି।

### ବୁର୍ଲା ସହର ୨ ଦିନ ଶଟ୍‌ଡାଉନ

ସମ୍ବଲପୁର,୮।୭(ବ୍ୟୁରୋ): ସମ୍ବଲପୁର ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଉଛି। ବୁଧବାର ମିଳିଥିବା ରିପୋର୍ଟ ଅନୁସାରେ ଜିଲାରୁ ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରୁ ଏବେସୁଦ୍ଧା ୧୦୫ ଜଣ ସଂକ୍ରମିତ ଚିହ୍ନଟ ହେଲେଣି। ତେବେ ବୁର୍ଲା ସହରର ଭିସୁଟ୍‌ରୁ ୮ ଜଣ ଆକ୍ରାନ୍ତ ଚିହ୍ନଟ ହେବା ପରେ ପ୍ରଶାସନର ଚିନ୍ତା ବଢ଼ାଇ ଦେଇଛି। ତେଣୁ ଜିଲାପାଳ ଶୁଭମ୍ ସକ୍‌ସେନା କେବଳ ବୁର୍ଲା ସହରକୁ ଜୁଲାଇ ୯ ଓ ୧୦ ତାରିଖ ଶଟଡାଉନ ଘୋଷଣା କରିଛନ୍ତି। ଭିମ୍‌ସାରକୁ ଛାଡି ଅନ୍ୟ ସବୁ ସ୍ଥାନରେ ଏହା ଲାଗୁ ହେବ। ଗାଡି ଚଳାଚଳ, ଦୋକାନ ବଜାର, ସରକାରୀ ଓ ଘରୋଇ ଅନୁଷ୍ଠାନ ବନ୍ଦ ରହିବ। କେବଳ ସେବା ସ୍ୱାସ୍ଥ୍ୟ, ଏଟିଏମ, ଦୁଗ୍ଧ, କୃଷି କାର୍ଯ୍ୟ ଉପରେ କୋହଳ କରାଯାଇଛି। ସାମାଜିକ ଓ ମାଙ୍ଗଳିକ କାର୍ଯ୍ୟ ପାଇଁ ଆବଶ୍ୟକ ପଡିଲେ ସ୍ଥାନୀୟ ପ୍ରଶାସନ ନିକଟରୁ ଅନୁମତି ନେବାକୁ ପଡିବ। ସେହିଭଳି ୮ ତାରିଖ ପର୍ଯ୍ୟନ୍ତ ଲାଗୁ ହୋଇଥିବା ୧୪୪ ଧାରାକୁ ୧୧ ତାରିଖ ପର୍ଯ୍ୟନ୍ତ ଜାରି କରାଯାଇଛି। ଗୋପବନ୍ଧୁ ଛକ, ଗାନ୍ଧୀପଡା, ଫାଣ୍ଡି ଛକ, ତେଲେଗୁପଡା, ବୋର୍ଡ କଲୋନୀ, ଗୁଜୁରାଟି କଲୋନୀ, ଭକ୍ତି ମଣ୍ଡପ, ଗୁରୁଦ୍ୱାରା କଲୋନୀରେ ଏହି ନିୟମ ଲାଗୁ କରାଯାଇଛି। ଜରୁରୀ ସେବାକୁ ଛାଡି କେହି ନିୟମ ଭଙ୍ଗ କଲେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ଦିଆଯାଇଛି।

# ୧୧ ବର୍ଷର ଷ୍ଟାଡିୟମ, ଖେଳ ଶୂନ

ଦେଓଗାଁ, ୮।୭(ଡି.ଏନ.ଏ.)



ଦେଓଗାଁ ମିନିଷ୍ଟାଡିୟମ।



ଖେଳାଳିଙ୍କ ଚେଞ୍ଜିଂରୁମ୍ କୋଠା ଅଧାପନ୍ତରିଆ ହୋଇପଡି ରହିଛି।

- ଅବ୍ୟବସ୍ଥା ଘେରରେ ଦେଓଗାଁ ମିନିଷ୍ଟାଡିୟମ
- ଅଧାପନ୍ତରିଆ ଖେଳାଳିଙ୍କ ଚେଞ୍ଜିଂରୁମ୍ କୋଠା
- ଭିଜିଲାନ୍ସ ତଦନ୍ତ ଦାବି କଲେ ଯୁବ ଖେଳାଳି

ବଲାଙ୍ଗୀର ଜିଲା ଦେଓଗାଁ ମିନିଷ୍ଟାଡିୟମ ଏବେ ନାନା ଅବ୍ୟବସ୍ଥା ଘେରରେ ରହିଛି। ୨୦୦୯ମସିହାରେ ଆରମ୍ଭ ହୋଇଥିବା ଏହି ଷ୍ଟାଡିୟମ ନିର୍ମାଣ ଲାଗି ସରକାର ବିଭିନ୍ନ ଯୋଜନାରେ ଅର୍ଥ ଯୋଗାଇ ଦେଇଛନ୍ତି। ହେଲେ ନିର୍ମାଣର ୧୧ବର୍ଷ ପରେ ମଧ ଖେଳାଳିଙ୍କ କୌଣସି କାର୍ଯ୍ୟରେ ଆସୁନାହିଁ ଏହି ଷ୍ଟାଡିୟମ। ଫଳରେ ଅନାବନା ଘାସବୁଦାରେ ପରିପୂର୍ଣ୍ଣ ହୋଇ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳ ପାଲଟିଛି। ବିଗତ ୧୧ବର୍ଷ ମଧ୍ୟରେ ପ୍ରାୟ ୫୦ଲକ୍ଷ ଟଙ୍କା ବ୍ୟୟରେ ଷ୍ଟାଡିୟମ ଉନ୍ନତୀକରଣ କାର୍ଯ୍ୟ ହୋଇଥିଲେ ମଧ ଦିନଟିଏ ପଡିଆରେ ଖେଳ ହୋଇନାହିଁ। ଏପରି କି କୌଣସି ପ୍ରତିଯୋଗିତା ଏଠାରେ ଆୟୋଜିତ ହୋଇନି। ୮ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହୋଇଥିବା ଗ୍ୟାଲେରୀରେ ଫାଟ ସୃଷ୍ଟି ହୋଇ ଅସୁରକ୍ଷିତ ଅବସ୍ଥାରେ ରହିଛି। ୫ଲକ୍ଷ ଟଙ୍କାର ମେଟାଲିଙ୍ଗ କାମ,୧୦ଲକ୍ଷ ଟଙ୍କାର କଂକ୍ରିଟ ରାସ୍ତା ଫାଟି ନଷ୍ଟ ହୋଇଗଲାଣି। ଅନ୍ୟପକ୍ଷେ ପଡିଆର ଚାରିପଟେ ହୋଇଥିବା ପାଚେରି ଅନେକ ସ୍ଥାନରେ ଭାଙ୍ଗି ନଷ୍ଟ ହୋଇଗଲାଣି।

୨୦୧୫-୧୬ ମସିହାରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପାଣ୍ଠିରୁ ଖେଳପଡିଆ ମଧ୍ୟରେ ଖେଳାଳିଙ୍କ ଚେଞ୍ଜିଂ କୋଠରି ନିର୍ମାଣ ପାଇଁ ୫ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ହେଲେ କୋଠା ଅଧାପନ୍ତରିଆ ହୋଇ ପଡିରହିଛି। ଛାତ ପଡିବା ପରେ ଅନ୍ୟ କୌଣସି କାମ ଆଗେଇ ନାହିଁ। ଏଥିଯୋଗୁ ସମ୍ପୃକ୍ତ କୋଠା ବର୍ତ୍ତମାନ ନଷ୍ଟ ହେବାକୁ ବସିଥିବା ସ୍ଥାନୀୟ ଯୁବଖେଳାଳିବୃନ୍ଦ ଅଭିଯୋଗ କରିଛନ୍ତି। ଏଥିସହ ଷ୍ଟାଡିୟମରେ ଖର୍ଚ୍ଚ ହୋଇଥିବା ଅନୁଦାନର ଭିଜିଲାନ୍ସ ତଦନ୍ତ କରିବାକୁ ସେମାନେ ଦାବି କରିଛନ୍ତି। ମିଳିଥିବା ସୂଚନାନୁସାରେ ୨୦୧୭ ଜୁନ ୧ ତାରିଖରେ ୫ଲକ୍ଷ ଟଙ୍କା ରିଲିଜ ହୋଇଥିବା ବେଳେ ଉକ୍ତ ଅଧାପନ୍ତରିଆ କୋଠାକାମ ବାବଦକୁ ୪,୩୬,୮୪୬ ଟଙ୍କା ବିଲ୍ ହୋଇଛି।

ଏ ନେଇ ଦେଓଗାଁର କ୍ରୀଡା ସଂଗଠକ ଡ.ଶଶୀଭୂଷଣ ସାହୁ କହିଛନ୍ତି ଯେ, ଦୀର୍ଘଦିନ ଧରି ମିନି ଷ୍ଟାଡିୟମ ନିର୍ମାଣ କାମ ସରି ନ ପାରିବା ଦୁର୍ଭାଗ୍ୟଜନକ। ଏଥିଯୋଗୁ ଅଞ୍ଚଳର ଖେଳ ଓ ଖେଳାଳିଙ୍କ ଉନ୍ନତିରେ ଏହା ଲାଗି ପାରୁନାହିଁ। ଅର୍ଥ ଆତ୍ମସାତ୍ ଉଦ୍ଦେଶ୍ୟରେ କାମ କରାଯାଉଥିବା ଏଥିରୁ ସ୍ପଷ୍ଟ ହେଉଛି। କ୍ରୀଡାବିତ୍ ଶୈଳେନ୍ଦ୍ର କୁମାର ସାହୁ କହିଛନ୍ତି ଯେ, ଏକ ବୃହତ ଲକ୍ଷ୍ୟ ରଖି ରାଜ୍ୟ ସରକାର ମିନି ଷ୍ଟାଡିୟମ ନିର୍ମାଣର ପରିକଳ୍ପନା କରିଥିଲେ। ହେଲେ କେତେକ ଲାଭଖୋରୀ ଅଧିକାରୀଙ୍କ ଦୂରଦୃଷ୍ଟି ଅଭାବରୁ ଏହା କାମରେ ଲାଗି ପାରୁନାହିଁ। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ ହୋଇ ପଡିଛି।

ଏଣୁ ଉକ୍ତ କୋଠା ସମ୍ପୂର୍ଣ୍ଣ ପାଇଁ ଉକ୍ତ ଯୋଜନାରୁ ପୁନଃ ଅର୍ଥ ମଞ୍ଜୁର ହେଲେ କାମ ସମ୍ପୂର୍ଣ୍ଣ ହୋଇ ଖେଳାଳିଙ୍କ କାମରେ ଆସିବ ବୋଲି ବିଡିଓ ନବୀନ କିଶୋର ପାଢ଼ୀ ସୂଚନା ଦେଇଛନ୍ତି। ଏ ଦିଗରେ ଜିଲା ପ୍ରଶାସନ ଦୃଷ୍ଟିଦେବାକୁ ଖେଳାଳି ତଥା ଜନସାଧାରଣରେ ଦାବି କରିଛନ୍ତି।

## ଟ୍ରକ୍ ଓଲଟି ଜଣେ ମୃତ, ୭ ଗୁରୁତର

ନୂଆଗାଁ,୮।୭ (ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ନୂଆଗାଁ ବ୍ଲକ ହାତିବାରୀ ଥାନା ଅନ୍ତର୍ଗତ ଜାହାଡିଟୋଲି ପଞ୍ଚାୟତର ଗୋଟିଟାଙ୍ଗର ନିକଟରେ ବୁଧବାର ଏକ ସିମେଣ୍ଟ ବୋଝେଇ ଟ୍ରକ୍ ଓଲଟି ପଡିବାରୁ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ଅନ୍ୟ ୭ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ସାମୁଏଲ ଲୁଗୁନ୍ (୩୦)। ଆହତମାନେ ହେଲେ ସତୀଶ ଟେଟେ, ସୁଦେଶ ଲୁଗୁନ୍, ରାହୁଲ ସାହୁ, ଲୁଥାର ହେମ୍ରମ, ମହେଶ ଲୁଗୁନ୍, ମଙ୍ଗଲ ଲୁଗୁନ୍ ଓ ସାଲ ଲୁଗୁନ୍। ସେମାନଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ହାତିବାରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ନ ଥିବାରୁ ସମସ୍ତଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ମୃତ ଓ ଆହତ ଶ୍ରମିକମାନଙ୍କ ଘର ନୂଆଗାଁ ଅଞ୍ଚଳରେ ବୋଲି ଜଣାପଡିଛି। ହାତିବାରୀ ଥାନା ପୋଲିସ ତଦନ୍ତ ଜାରି ରଖିଛି। ସିମେଣ୍ଟ ବୋଝେଇ ଟ୍ରକ୍‌ଟି ଝାଡ଼ଖଣ୍ଡର ଓଡ଼ଗାଁ ଅଞ୍ଚଳକୁ ଯାଉଥିବାବେଳେ ଭାରସାମ୍ୟ ହରାଇ ଓଲଟି ପଡିଥିଲା।

## ୨ ଯବାନଙ୍କ ସମେତ ୪ ପଜିଟିଭ

ନୂଆପଡା ଅଫିସ,୮।୭

**ଭାଲେଶ୍ୱର ପଞ୍ଚାୟତ ୪୮ ଘଣ୍ଟା ଶଟ୍‌ଡାଉନ**

ନୂଆପଡ଼ା ଜିଲାରେ ପ୍ରଥମ ଥର ପାଇଁ ୨ଜଣ ସିଆରପିଏଫ ଯବାନ କରୋନା ସଂକ୍ରମିତ ହୋଇଛନ୍ତି। ସେହିଭଳି ଭାଲେଶ୍ୱର ପଞ୍ଚାୟତରୁ ୨ଜଣ ପ୍ରବାସୀଙ୍କଠାରେ କରୋନା ପଜିଟିଭ ଥିବା ଚିହ୍ନଟ ହୋଇଛି। ସ୍ଥାନୀୟ ସିଆରପିଏଫ ୨୧୬ ବାଟାଲିୟନର ୨ଜଣ ଯବାନ କେରଳରୁ ଆସିଥିଲେ। ଏମାନେ ଡୁମେରପାଣିସ୍ଥିତ ଏକ ବେସରକାରୀ ସ୍କୁଲ କ୍ୱାରାଣ୍ଟାଇନ ସେଣ୍ଟରରେ ରହୁଥିଲେ। ସେହିଭଳି ଭାଲେଶ୍ୱର ପଞ୍ଚାୟତରୁ ଚିହ୍ନଟ ହୋଇଥିବା ଜଣେ ଆକ୍ରାନ୍ତ ଝାଡ଼ଖଣ୍ଡ ଫେରନ୍ତା, ଯିଏକି ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିର (ଟିଏମ୍‌ସି)ରେ ଥିଲେ। ଅନ୍ୟଜଣେ ମହାରାଷ୍ଟ୍ର ଫେରନ୍ତା, ଯିଏକି ହୋମ୍ କ୍ୱାରାଣ୍ଟାଇନରେ ରହୁଥିଲେ। ତେବେ ସିଆରପିଏଫ କ୍ୟାମ୍ପର ଟିଏମସିରୁ ୭କି.ମି. ପର୍ଯ୍ୟନ୍ତ ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ ଭାବରେ ଘୋଷଣା କରାଯାଇଛି। ସାମାଜିକ ଦୂରତା ପାଳନ ସହ ମାସ୍କ ପିନ୍ଧିବା ନିୟମ କଡା କଡି କରିବାକୁ ଜିଲାପାଳ ମଧୁସ୍ମିତା ସାହୁ ନିର୍ଦ୍ଦେଶ ଦେଇଛନ୍ତି। ଭାଲେଶ୍ୱର ପଞ୍ଚାୟତର ସ୍ଥିତିକୁ ଅନୁଧ୍ୟାନ କରି ସମଗ୍ର ଗାଁ ଅଞ୍ଚଳକୁ ଆଗାମୀ ଗୁରୁବାର ସନ୍ଧ୍ୟା ୬ଟାଯାଏଁ ସଟଡାଉନ ଘୋଷଣା କରାଯାଇଛି। ଏହି ସମୟ ମଧ୍ୟରେ ଜରୁରୀକାଳୀନ ସେବା ବ୍ୟତୀତ ବାହାରୁ ଏଠାକୁ ଯିବା ଆସିବା ଉପରେ କଟକଣା ଜାରି କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ଜିଲାରୁ ଏବେ ପର୍ଯ୍ୟନ୍ତ ୮୬ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ୮୨ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଗତ ୨୯ତାରିଖ ପଠାଯାଇଥିବା ସ୍ୱାବ୍ ନମୁନାରୁ ଏହି ୪ଜଣଙ୍କର ପଜିଟିଭ ଚିହ୍ନଟ ହୋଇଛି। ଏମାନଙ୍କୁ ସ୍ଥାନୀୟ କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

## ଦୁବାଇରେ ଭାରତର କନ୍‌ସଲ ଜେନେରାଲଙ୍କୁ ସମ୍ବର୍ଦ୍ଧନା

ସମ୍ବଲପୁର,୮।୭(ବ୍ୟୁରୋ)

ୟୁନାଇଟେଡ ଆରବ ଏମିରେଟ୍‌ସର ଭାରତୀୟ କନସଲ ଜେନେରାଲ ବିପୁଲଙ୍କୁ ଗ୍ଲୋବାଲ ଓଡ଼ିଆ ଫର ଓଡ଼ିଶାସ୍ ଡେଭେଲପମେଣ୍ଟ-ଗୁଡ୍ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ସଙ୍ଗଠନର କ୍ୟାପଟେନ ସୌମ୍ୟରଞ୍ଜନ ପଟ୍ଟନାୟକ ବକ୍ତବ୍ୟ ପ୍ରଦାନ କରି ବିପୁଲଙ୍କ କାର୍ଯ୍ୟଦକ୍ଷତା ବିଷୟରେ ସୂଚନା ଦେଇଥିଲେ। ପ୍ରିୟଦର୍ଶୀ ପାଣିଗ୍ରାହୀ, ରାଜେଶ କୁମାର ତ୍ରିପାଠୀ କହିଥିଲେ ଯେ, ଲକ୍‌ଡାଉନ ସମୟରେ ୟୁଏଇ ଅଞ୍ଚଳରେ ଅଟକି ରହିଥିବା ଭାରତୀୟମାନଙ୍କୁ ବିଶେଷକରି ପ୍ରବାସୀ ଓଡ଼ିଆମାନଙ୍କୁ ଭୁବନେଶ୍ୱରରେ ପହଞ୍ଚାଇବା ଲାଗି ବିମାନ ଯୋଗାଯୋଗ କରିବାରେ ବିପୁଲଙ୍କ କାର୍ଯ୍ୟ ପ୍ରଶଂସନୀୟ। ସେହିପରି ଦୁବାଇର ଭାରତୀୟ କନସୁଲେଟରେ ବୀର ସୁରେନ୍ଦ୍ର ସାଏଙ୍କ ଏକ ତୈଳଚିତ୍ର ପ୍ରଦର୍ଶନରେ ତାଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା ବୋଲି କହିଥିଲେ। ତାଙ୍କୁ ସଙ୍ଗଠନ ପକ୍ଷରୁ ମାନପତ୍ର ପ୍ରଦାନ କରାଯାଇଥିଲା।

## ସିସିଟିଭି ନଜରରେ ଭବାନୀପାଟଣା ସହର

ଭବାନୀପାଟଣା,୮।୭(ଡି.ଏନ୍.ଏ.)



ଭବାନୀପାଟଣା ସହରର ବିଭିନ୍ନ ସ୍ଥାନରେ ଲାଗିଥିବା ସିସିଟିଭି କ୍ୟାମେରା।

**ଅପରାଧ,ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ପୋଲିସର ପଦକ୍ଷେପ**

ଏବେ ଭବାନୀପାଟଣା ସହର ସିସିଟିଭି ନଜରରେ ରହିଛି। ସହରର ବିଭିନ୍ନ ଛକରେ ଲାଗିଛି ସିସିଟିଭି କ୍ୟାମେରା। ସହରରେ ଯାହା ଘଟୁଛି ତାହା ଏହି କ୍ୟାମେରା ମାଧ୍ୟମରେ ରେକର୍ଡ କରାଯାଉଛି। ସହରରେ ଅପରାଧ ରୋକିବା ପାଇଁ ପୋଲିସ ପକ୍ଷରୁ ଏପରି ପଦକ୍ଷେପ ଗ୍ରହଣ କରାଯାଇଛି। ଭବାନୀପାଟଣା ସହରର ଷ୍ଟାଚ୍ୟୁ ଛକ, ମାଣିକେଶ୍ୱରୀ ହାଇସ୍କୁଲ ଛକ, ଗାର୍ଲ୍ସ ହାଇସ୍କୁଲ ଛକ, କଲେଜ ଛକ, ଘୋଡାଘାଟଛକ, ମାଣିକେଶ୍ୱରୀ ମନ୍ଦିର ମୁଖ୍ୟଦ୍ୱାର ସମ୍ମୁଖ, ଜେଲଖାନା ଛକ ସହ ସହରର ସମସ୍ତ ପ୍ରବେଶ ପଥ ଭଳି ଜନଗହଳିପୂର୍ଣ୍ଣ ଓ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ୧୦୨ଟି ସିସିଟିଭି କ୍ୟାମେରା ଲଗାଯାଇଛି।

ବିଶେଷ କରି ଯେଉଁମାନେ ଟ୍ରାଫିକ ନିୟମ ଉଲ୍ଲଂଘନ କରୁଛନ୍ତି, ସେମାନଙ୍କୁ ସିସିଟିଭି ମାଧ୍ୟମରେ ଚିହ୍ନଟ କରାଯାଉଛି। ପରେ ସେମାନଙ୍କ ପାଖକୁ ଚାଲାଣ ପଠାଯାଉଛି। ବର୍ତ୍ତମାନ ଲକ୍‌ଡାଉନ ସମୟରେ ବି ଏହି ସିସିଟିଭି ସହାୟକ ହେଉଛି। ଏଥିଯୋଗୁ ଅପରାଧୀମାନେ ବିଚ୍ ରାସ୍ତାରେ କୌଣସି ଗଣ୍ଡଗୋଳ ଘଟାଇଲେ ପୋଲିସ ପାଖରେ ସେହି ଚିତ୍ର ସହଜରେ ପହଞ୍ଚି ପାରୁଛି। ଦ୍ରୁତଗତିରେ ବାଇକ ଚଳାଉଥିବା ଚାଳକଙ୍କୁ ସାବାଡ୍ କରିବାରେ ଏହି ସିସିଟିଭି ସହାୟକ ହୋଇଛି। ହେଲମେଟ ଚେକିଂ, ଦୁଇଚକିଆ ଯାନରେ ଦୁଇରୁ ଅଧିକ ଯାତ୍ରୀ ବସିବା, ମହିଳାମାନଙ୍କୁ ଅଶ୍ଳୀଳ ଇଙ୍ଗିତ କରୁଥିବା ଯୁବକମାନଙ୍କୁ ଧରିବାରେ ସିସିଟିଭି କ୍ୟାମେରା କାମ କରୁଛି। ଏପରି ବେଆଇନ କାର୍ଯ୍ୟର ଚିତ୍ର ପୋଲିସ କଣ୍ଟ୍ରୋଲ ରୁମ୍‌ରେ ରେକର୍ଡିଂ କରାଯାଇପାରୁଛି। ଫଳରେ ଅପରାଧୀଙ୍କୁ ଚିହ୍ନଟ କରିବା ପୋଲିସ ପାଇଁ ସହଜ ହୋଇଛି।

ଏନେଇ କଳାହାଣ୍ଡି ଏସ୍‌ପି ବାତୁଲା ଗଙ୍ଗାଧର କହିଛନ୍ତି, କଳାହାଣ୍ଡିର ସହରାଞ୍ଚଳରେ ବାରମ୍ବାର ଚୋରି, ଡକାୟତି, ରାହାଜାନି ଘଟୁଛି। ହେଲେ ଅପରାଧୀମାନେ ପୋଲିସକୁ ଚକ୍‌ମା ଦେଇ ଖସି ପଳାଉଛନ୍ତି। ସିସିଟିଭି ଲାଗିବା ପରେ ଅପରାଧୀମାନଙ୍କୁ ଚିହ୍ନଟ କରିବା ସହଜ ହୋଇଛି। ସ୍ଥାନୀୟ ଲୋକେ ବି ନିଜକୁ ସୁରକ୍ଷିତ ମଣୁଛନ୍ତି। ପ୍ରଶାସନର ଏପରି ପଦକ୍ଷେପକୁ ସହରବାସୀ ସ୍ୱାଗତ କରିଛନ୍ତି।

## ଫଟୋରେ ଖବର



ସମ୍ବଲପୁର ଜଗନ୍ନାଥ କଲୋନୀ ନିକଟରେ ନିର୍ମାଣଧୀନ ରେଲୱେ ପୋଲ ସମ୍ମୁଖରେ ବାଲି ଗୋଡି ଜମା ହୋଇଥିବାରୁ ବର୍ଷାପାଣି ନିଷ୍କାସନ ହୋଇପାରୁ ନାହିଁ।

## ଜିଏମ୍ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦିବସ

ସମ୍ବଲପୁର,୮।୭ (ବ୍ୟୁରୋ)



- ପ୍ରଶାସନିକ କୋଠାର ଶିଳାନ୍ୟାସ
- ତ୍ରୈମାସିକ ନ୍ୟୁଜ ଲେଟର୍ ମହିମା ଉନ୍ମୋଚିତ

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ)ର ପଞ୍ଚମ ଓ ଗଙ୍ଗାଧର ମେହେର କଲେଜର ୭୬ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। କୋଭିଡ-୧୯ କଟକଣାକୁ ଦୃଷ୍ଟିରେ ରଖି ନିରାଡମ୍ବର ଭାବେ ଅନ୍‌ଲାଇନ ଜରିଆରେ ଉତ୍ସବ ବୁଧବାର ପାଳନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ରାଜ୍ୟ ଉଚ୍ଚ ଶିକ୍ଷା ପରିଷଦ ଉପାଧ୍ୟକ୍ଷ ଡ. ଅଶୋକ କୁମାର ଦାଶ ଯୋଗଦେଇ ବିଶ୍ୱବିଦ୍ୟାଳୟର ବିକାଶ କାର୍ଯ୍ୟକ୍ରମ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। କୁଳପତି ପ୍ରଫେସର ଅତନୁ କୁମାର ପତି ସ୍ୱାଗତ ଭାଷଣ ଓ ଉପକୁଳପତି ଡ. ଉମାଚରଣ ପତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କୁଳସଚିବ ଗିରିଶ ଚନ୍ଦ୍ର ସିଂ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉପଲକ୍ଷେ ଭୀମଭୋଇ ଗବେଷଣା ଚେୟାର ପ୍ରସ୍ତୁତ ତ୍ରୈୟମାସିକ ନ୍ୟୁଜ୍ ଲେଟର୍ ମହିମାର ଉନ୍ମୋଚନ କରାଯାଇଥିଲା। ସେହିପରି ୭ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ପ୍ରଶାସନିକ କୋଠାର ଶିଳାନ୍ୟାସ କରାଯାଇଥିଲା।

## ଚିନ୍ତା ବଢ଼ାଇଛି ପରିବା ଦର

ଭବାନୀପାଟଣା,୮।୭(ଡି.ଏନ୍.ଏ.)

**ବନ୍ଧାକୋବି ୮୦, କ୍ୟାପ୍‌ସିକମ୍ ୧୨୦**

ଗତ କିଛିଦିନ ହେବ ଭବାନୀପାଟଣାରେ ପରିବା ଦର ବଢ଼ିବାରେ ଲାଗିଛି। ଅଧିକାଂଶ ପରିବା ଦର କିଲୋପ୍ରତି ୬୦ ଟଙ୍କା ଉପରେ ରହିଛି। ସେଥିପାଇଁ ବ୍ୟବସାୟୀମାନେ କିଲୋପ୍ରତି ଦର ନ କହି ପା' (୨୫୦ ଗ୍ରାମ୍)ର ଦର ଡାକୁଛନ୍ତି। ପୂର୍ବରୁ ବାଇଗଣ କେଜି ୪୦ ଟଙ୍କାରେ ବିକ୍ରି ହେଉଥିବା ବେଳେ ତାହା ଏବେ ୬୦ ଟଙ୍କା ହୋଇଛି। ପୋଟଳ, ଝୁଡଙ୍ଗ, କଲରା, ଟମାଟୋ ଆଦି ଦର ୬୦ ଟଙ୍କା ରହିଛି। ଏଥିସହ ବିନ୍‌ସ, ବନ୍ଧାକୋବି ୮୦ ଟଙ୍କା ଥିବା ବେଳେ କ୍ୟାପସିକମ୍ ୧୨୦ ଟଙ୍କା ଓ କାଙ୍କଡ ୨୦୦ ଟଙ୍କା ରହିଛି। ଅତ୍ୟଧିକ ଦର ଯୋଗୁ ଲୋକେ ଅଧକେଜି, ଅଢେଇଶ କିଣୁଛନ୍ତି। ଦର ବୃଦ୍ଧିରେ କେବଳ ଗ୍ରାହକ ପ୍ରଭାବିତ ହେଉଛନ୍ତି ତାହା ନୁହେଁ, ଦୋକାନୀ ମଧ ବହୁ କ୍ଷତି ସହୁଛନ୍ତି। ପୂର୍ବରୁ କୁଇଣ୍ଟାଲ ପରିମାଣର ପରିବା ବିକ୍ରି ହେବା ବେଳେ ଏବେ ମାତ୍ର ୨୦ରୁ ୩୦ କେଜି ବିକ୍ରି ହେଉଛି। ବର୍ଷାରେ ପରିବା ଚାଷ କ୍ଷତିଗ୍ରସ୍ତ ହୋଇଛି। ଏଣେ ତୈଳଦର ବୃଦ୍ଧି ଯୋଗୁ ପରିବା ଦର ବଢ଼ିଛି ବୋଲି ବ୍ୟବସାୟୀମାନେ କହୁଛନ୍ତି। ସବୁ ପରିବା ଦର ୬୦ ଟଙ୍କା ଉପରେ ରହିଥିବାରୁ ଚିନ୍ତାବ୍ୟକ୍ତ କରିଛନ୍ତି ସ୍ଥାନୀୟ ଅଞ୍ଚଳବାସୀ। ଭବାନୀପାଟଣାର ବାସିନ୍ଦା ସଂଯୁକ୍ତା ବେହେରା କହିଛନ୍ତି, କରୋନା ସମୟରେ ଲୋକଙ୍କ ଜୀବନ ଜୀବିକା ପ୍ରଭାବିତ ହୋଇଥିବା ବେଳେ ଦର ବୃଦ୍ଧି ଆହୁରି ଯନ୍ତ୍ରଣା ଦେଉଛି। ପରିବା ବେପାରୀ ରବୀନ୍ଦ୍ର ସାହୁ କୁହନ୍ତି, ଆମେ ଉଚ୍ଚ ଦରରେ ପରିବା କିଣୁଥିବାରୁ ଏପରି ପରିସ୍ଥିତି ସୃଷ୍ଟି ହୋଇଛି। ଖାଉଟି ଭରତ ଭୋଇ କୁହନ୍ତି, ଦର ବୃଦ୍ଧି ଯୋଗୁ ଆମେ ପାଏ, ଅଧ କିଲୋ ପରିବା କିଣି ଘରକୁ ନେଉଛୁ। ସେଥିରେ ବହୁ କଷ୍ଟରେ ଚଳିବାକୁ ପଡୁଛି।

# ଗୋଚର ଜମିରେ କାରଖାନା ବର୍ଜ୍ୟବସ୍ତୁ

ଝାରସୁଗୁଡ଼ା ଅଫିସ,୮।୭



ଗୋଚର ଜମିରେ ଗଦା ହୋଇଥିବା ପାଉଁଶ।

- ନାଳରେ ପଡି ନଦୀରେ ମିଶୁଛି
- ପ୍ରଦୂଷଣ ନିୟନ୍ତ୍ରଣ ନିୟମକୁ ଉଲ୍ଲଂଘନ
- ଜିଲାପାଳଙ୍କ ଅଫିସ ପଛରେ ଚାଲିଛି ବେନିୟମ କାର୍ଯ୍ୟ

ଝାରସୁଗୁଡ଼ାରେ ଥିବା ଶିଳ୍ପସଂସ୍ଥାରୁ ବାହାରୁଥିବା ବର୍ଜ୍ୟବସ୍ତୁ (ପାଉଁଶ) ପରିଚାଳନାକୁ ନେଇ ସମସ୍ୟା ଦେଖାଦେଇଛି। ପ୍ରଦୂଷଣ ନିୟନ୍ତ୍ରଣ ନିୟମକୁ ଏଠାରେ ଖୋଲାଖୋଲି ଉଲ୍ଲଂଘନ କରାଯାଉଛି। ପ୍ରତିଦିନ ବାହାରୁଥିବା ବର୍ଜ୍ୟବସ୍ତୁକୁ ଜନବସତି ନିକଟସ୍ଥ ଗୋଚର ଜମିରେ ଗଦା କରାଯାଉଛି। ସେହି ପାଉଁଶ ନାଳ ଦେଇ ନଦୀରେ ମିଶୁଛି। ଫଳରେ ସ୍ଥାନୀୟ ଲୋକେ ଏ ନେଇ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିପାଇଁ ସହରରେ ପ୍ରଦୂଷଣର ମାତ୍ରା ବୃଦ୍ଧି ପାଇଛି। ନଦୀ ଜଳ ବିଷାକ୍ତ ହେଉଛି। ଆଖପାଖ ଚାଷଜମି ପ୍ରଦୂଷିତ ହେଉଛି ବୋଲି ଅଭିଯୋଗ ହୋଇଛି।

ଝାରସୁଗୁଡ଼ା ଜିଲାରେ ଥିବା ୨ଟି ଶିଳ୍ପସଂସ୍ଥାରୁ ପ୍ରତିଦିନ ପ୍ରାୟ ୨୫ ହଜାର ଟନ ବର୍ଜ୍ୟବସ୍ତୁ (ପାଉଁଶ) ବାହାରି ଥାଏ। ସେହି ପାଉଁଶକୁ ଖାଲୁଆ ଜମିରେ ପକାଇ ସମତଳ କରିବା ପାଇଁ ଶିଳ୍ପସଂସ୍ଥାକୁ ସର୍ତ୍ତମୂଳକ ଅନୁମତି ମିଳିଛି। ହେଲେ ଏହି ସୁଯୋଗରେ ସେହି ଜମିରୁ ମୋରମ କଢ଼ାଯାଇ ବିକ୍ରି କରାଯାଉଛି। ସେଠାରେ ସୃଷ୍ଟି ହେଉଥିବା ଖାଲକୁ ଏହି ପାଉଁଶ ଦ୍ୱାରା ପୋତାଯାଉଛି। ଏପରି କି ଜମିର ପୂର୍ବ ଉଚ୍ଚତାଠାରୁ ଅଧିକ ପାଉଁଶ ସେଠାରେ ପକାଇ ଦିଆଯାଉଛି। ଯାହା ପ୍ରଦୂଷଣ ନିୟନ୍ତ୍ରଣ ନିୟମକୁ ଉଲ୍ଲଂଘନ କରିଛି। ବିଶେଷ କରି ଜିଲାପାଳଙ୍କ କାର୍ଯ୍ୟାଳୟ ପଛରେ ଥିବା ବର୍ଜ୍ୟବସ୍ତୁ ପରିଚାଳନାରେ ଏଭଳି ହେଉଥିବା ଦେଖିବାକୁ ମିଳିଛି।

ସୂଚନା ମୁତାବକ ଜିଲାପାଳଙ୍କ କାର୍ଯ୍ୟାଳୟ ପଛ ତଥା ୱାର୍ଡ ନଂ.୯ ପଞ୍ଚପଡାର ଖାତା ନଂ.୮୭୬ର ୨୪୦୮ ପ୍ଲଟରେ ଥିବା ୫୧.୮୭ ଏକର ଗୋଚର ଜମିକୁ ସମତଳ କରିବା ପାଇଁ ଜିଲା ପ୍ରଶାସନ ଅନୁମତି ଦେଇଛି। ଏହି ଅନୁମତି ମିଳିବା ପରେ ସ୍ଥାନୀୟ ଜଣେ ବ୍ୟକ୍ତିଙ୍କ ନିର୍ଦ୍ଦେଶରେ ସେହି ଜମିରୁ ମୋରମ ଖୋଳି ବ୍ୟବସାୟ କରାଯାଉଛି। ପରେ ସେଠାରେ କମ୍ପାନୀରୁ ନିର୍ଗତ ପାଉଁଶ ପକାଯାଇ ପୋତାଯାଉଛି। ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ଗାଇଡ ଲାଇନ ଅନୁସାରେ ଗୋଚର ଜମି, ଜଳ ସ୍ରୋତ କିମ୍ବା ଚାଷ ଜମି ନିକଟରେ ଏଭଳି ବର୍ଜ୍ୟବସ୍ତୁକୁ ପକାଇବା ପାଇଁ ଅନୁମତି ନାହିଁ। ତେବେ କାହା ଚାପରେ ଏହି ଅନୁମତି ପ୍ରଦାନ କରାଯାଇଛି ତାହା ତଦନ୍ତ ସାପେକ୍ଷ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଅନ୍ୟପକ୍ଷେ ପାଉଁଶ ପକାଯାଉଥିବା ସ୍ଥାନରେ ଏକ ଛୋଟ ନାଳ ରହିଛି। ଅଧିକାଂଶ ସମୟରେ ସେହି ପାଉଁଶ ନାଳ ପାଣିରେ ମିଶି ସିଧାସଳଖ ଇବ୍ ନଦୀ ଦେଇ ମହାନଦୀରେ ମିଶୁଛୁ।

ଏ ନେଇ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ହେମେନ୍ଦ୍ରନାଥ ନାଏକଙ୍କୁ ପଚାରିବାରୁ ସେ ଏହାର ସ୍ଥାୟୀ ସମାଧାନ ପାଇଁ ପଦକ୍ଷେପ ନେବେ ବୋଲି କହିଛନ୍ତି। ସେହିପରି ଝାରସୁଗୁଡ଼ା ତହସିଲଦାର ଦିଲୀପ ପ୍ରଧାନଙ୍କୁ ପଚାରିବାରୁ ମୁଁ ଅନ୍ୟ ଏକ କାମରେ ବ୍ୟସ୍ତ ଅଛି। ପଛରେ କଥା ହେବି ବୋଲି କହି ଏହି ଅଭିଯୋଗକୁ ଏଡ଼ାଇ ଯାଇଛନ୍ତି।

## ବିଦ୍ୟୁତ୍ ଆଘାତରେ ଶ୍ରମିକ ମୃତ

ବୌଦ୍ଧ,(ସ୍ୱ.ପ୍ର.)-ବୌଦ୍ଧ ଥାନା ଅନ୍ତର୍ଗତ ଗମ୍ଭାରୀପଦର ଗ୍ରାମରେ ମଙ୍ଗଳବାର ବିଦ୍ୟୁତ୍ ଆଘାତରେ ଶଶିଭୂଷଣ ପାଣ୍ଡେ (୩୦)ନାମକ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ପ୍ରକାଶ ଯେ, ନିର୍ମାଣ ଶ୍ରମିକ ଶଶିଭୂଷଣ ଗ୍ରାମର ଖମ୍ବେଶ୍ୱରୀ ମନ୍ଦିର ନିକଟରେ ଏକ ଘର ନିର୍ମାଣ କାର୍ଯ୍ୟରେ ନିୟୋଜିତ ଥିବା ବେଳେ ହଠାତ୍ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ବୌଦ୍ଧ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାଯାଇଛି। ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ଘଟଣାର ତଦନ୍ତ ଚଳାଇଛି।

## ସଂକ୍ଷେପରେ

### ଟକାରୁମାଲ ରାସ୍ତାକୁ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ସାମିଲ ଦାବି

**କର୍ଲାମୁଣ୍ଡା, ୮।୭(ଡି.ଏନ.ଏ.) :** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଞ୍ଚା ପଞ୍ଚାୟତ ଟକାରୁମାଲ ଛକଠାରୁ ଦେଓଗାଁ ଚାରିଛକ ପର୍ଯ୍ୟନ୍ତ ରାସ୍ତା ଖାଲଖମାରେ ଭରି ଯାଇଛି। ଟକାରୁମାଲରୁ ୧୨୦୦ ମିଟର ଦୂର ଦେଓଗାଁ ଛକ ରାସ୍ତାର ଉନ୍ନତୀକରଣ ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲେ ହେଁ ସ୍ଥାନେ ସ୍ଥାନେ ଗର୍ତ୍ତ ସୃଷ୍ଟି ହୋଇଛି। ଫଳରେ ଯାନବାହନ ଚଳାଚଳରେ ଅସୁବିଧା ହେଉଛି। ଉକ୍ତ ରାସ୍ତାକୁ ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ସାମିଲ କରାଯିବା ନେଇ ଅଞ୍ଚଳବାସୀ ଦାବି କରି ଆସୁଥିଲେ ମଧ ଗୁରୁତ୍ୱ ଦିଆ ଯାଉନାହିଁ। ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀ ଦେବେନ୍ଦ୍ର କୁମାର ସେଠ୍‌ଙ୍କୁ ପଚାରିବାରୁ ଉକ୍ତ ରାସ୍ତା ପଞ୍ଚାୟତ ସମିତି ଅଧୀନରେ ରହିଛି। ଆମ ବିଭାଗକୁ ହସ୍ତାନ୍ତର ପାଇଁ ଲିଖିତ ଜଣାଇବା ପରେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

### ପୋଖରୀରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ଅମରପାଲି, ୮।୭ (ଡି.ଏନ.ଏ):** ସୁବର୍ଣ୍ଣପୁର ଜିଲା ସୁବଳୟା ଥାନା ଅନ୍ତର୍ଗତ ଖମାର ସ୍ଥିତ ବରାହପଦର ମଠ ପାଖ ପୋଖରୀରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି । ମୃତକ ହେଲେ ବିନିକା ଥାନା ଶଙ୍କରାର ଆକାଶ ଦାଶ (୨୭) । ବୁଧବାର ସକାଳୁ ତାଙ୍କ ମୃତଦେହ ପୋଖରୀରେ ଭାସୁଥିବା ଲୋକେ ଦେଖିବାକୁ ପାଇଥିଲେ । ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ସୁବଳୟା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି । ଆକାଶ ମଝିରେ ମଝିରେ ଖମାର ମଠକୁ ଆସି ରହନ୍ତି। ନିକଟରେ ସେ ନିଜ ଗ୍ରାମ ଶଙ୍କରାରୁ ମଠକୁ ଆସି ନାମ ସଂକୀର୍ତ୍ତନ କରୁଥିଲେ। ଉକ୍ତ ଯୁବକଙ୍କ କୌଣସି ରୋଗ ମଧ ଥିଲା। ସକାଳୁ ଶୌଚ ପାଇଁ ଯାଇଥିବା ବେଳେ ପାଣିରେ ବୁଡି ଯାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି ।

### ସୌଭାଗ୍ୟ ଯୋଜନା ବାଟବଣା

**କେସିଙ୍ଗା, ୮।୭ (ଡି.ଏନ.ଏ.):** କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକରେ ସୌଭାଗ୍ୟ ଯୋଜନା ବାଟବଣା ହୋଇଥିବା ଅଭିଯୋଗ ହୋଇଛି। ଏବେବି ବହୁ ଲୋକେ ବିଦ୍ୟୁତ୍ ସେବାରୁ ବଞ୍ଚିତ ରହିଥିବା ଅଭିଯୋଗ ହୋଇଛି। ଏହି ଯୋଜନାରେ କାମ ଶେଷ କରିବା ଧାର୍ଯ୍ୟ ସମୟ ମାର୍ଚ୍ଚ ୨୦୧୯ ପର୍ଯ୍ୟନ୍ତ ଥିଲା। ହେଲେ ବର୍ତ୍ତମାନ ସୁଦ୍ଧା କାମ ୫୦ ପ୍ରତିଶତ ଶେଷ ହୋଇଛି । କେନ୍ଦ୍ର ସରକାରଙ୍କ ଅନୁଦାନ ପ୍ରାୟ ୭ କୋଟି ଟଙ୍କାକୁ ୨୦୧୯ ମାର୍ଚ୍ଚ ସୁଦ୍ଧା କାମ ଶେଷ ପାଇଁ ଠିକା ସଂସ୍ଥା ରେଡଟେକ୍ସ, ସଲ୍ୟୁଶନ, ବିମଳା ଏଣ୍ଟରପ୍ରାଇଜେସ୍, ଇଲେକ୍ଟ୍ରିକାଲ ଚୁକ୍ତି କରିଥିଲେ। କେସିଙ୍ଗା ବ୍ଲକର ବାଲସି, ପରଲସିଙ୍ଗା, ନୁନ୍‌ମାଟ, ତୁର୍ଲାଖମନ ଆଦି ପଞ୍ଚାୟତ ଅନ୍ତର୍ଗତ ଗ୍ରାମରେ କାହା ଘରେ ଇଲେକ୍ଟ୍ରି ବୋର୍ଡ, ହୋଲଡର୍ ଲଗା ହୋଇଛି ତ ଆଉ କାହା ଛପର ଉପରେ ତାର ଝୁଲୁଛି। ଆଜି ପର୍ଯ୍ୟନ୍ତ ମିଟର ୫୦ପ୍ରତିଶତ ଲାଗିନାହିଁ। ଟ୍ରାନ୍ସଫର୍ମର ଥାଇ ମଧ ବିଦ୍ୟୁତ୍ ସଂଯୋଗ କରାଯାଇନାହିଁ। ଅଭିଯୋଗ କଲେ ମଧ ସୁଫଳ ମିଳିନାହିଁ। ତଦନ୍ତ ପରେ ସଂଯୋଗ ଦେବାକୁ ଚେଷ୍ଟା କରାଯିବ ବୋଲି କହିଛନ୍ତି ବିଭାଗୀୟ ଏସ୍‌ଡିଓ।

### ହେଲ୍‌ଥ ସେଣ୍ଟର ହେଲା ସୁବର୍ଣ୍ଣପୁର କୋଭିଡ ହସ୍ପିଟାଲ୍

**ସୋନପୁର,୮।୭(ନି.ପ୍ର.):** ସୁବର୍ଣ୍ଣପୁର ଜିଲାରେ କରୋନା ପ୍ରତିରୋଧ ପାଇଁ ସୋନପୁର ସରକାରୀ ଆଇଟିଆଇକୁ ଅସ୍ଥାୟୀ ଭାବେ କୋଭିଡ୍ ହେଲ୍‌ଥ ସେଣ୍ଟର କରାଯାଇଥିଲା । ଏହା ଏପ୍ରିଲ ମାସଠାରୁ କାର୍ଯ୍ୟକ୍ଷମ ହୋଇଥିଲା । ଜିଲା ମୁଖ୍ୟ ଚିକିତ୍ସାଳୟର ସମ୍ପ୍ରସାରିତ ଶାଖା ଭାବେ ଏହା କାର୍ଯ୍ୟ କରୁଥିଲା । ୨୦୦ ଶଯ୍ୟା ବିଶିଷ୍ଟ ହେଲ୍‌ଥ ସେଣ୍ଟରରେ ଜିଲାର କରୋନା ସଂକ୍ରମିତ ଚିକିତ୍ସିତ ହେଉଥିଲେ। ସଂକ୍ରମିତଙ୍କ ପାଇଁ ୪୬ ଶଯ୍ୟା, ୧୫୪ ପୃଥକ୍‌ବାସ ଶଯ୍ୟା, ୫୦ଗୋଟି ଅକ୍ସିଜେନ କନସେଣ୍ଟ୍ରେଟର ଓ ୫୦ ନେବୁଲାଇଜର ରହିଛି । ଏଠାରେ ଆଇସିୟୁ ନ ଥିଲା । ବିଧାୟକ ତଥା ରାଜ୍ୟ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ବିଧାୟକ ପାଣ୍ଠିରୁ ୧୮ ଲକ୍ଷ ଟଙ୍କା ଦେବା ପରେ ୨ ଶଯ୍ୟା ବିଶିଷ୍ଟ ଆଇସିୟୁ ପ୍ରତିଷ୍ଠା ହୋଇଛି । ବୁଧବାରଠାରୁ ଏହା ହେଲ୍‌ଥ ସେଣ୍ଟରରୁ କୋଭିଡ୍ ହସ୍ପିଟାଲକୁ ଉନ୍ନୀତ ହେଲା ବୋଲି ଜିଲାପାଳ ମୋନିଷା ବାନାର୍ଜୀ ସୂଚନା ଦେଇଛନ୍ତି ।

# ସୌନ୍ଦର୍ଯ୍ୟ ହରାଇଲା ସେଲ୍ଫି ପଏଣ୍ଟ

ବରଗଡ଼ ସହରର ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟ ସମ୍ମୁଖରେ ରହିଛି ସେଲ୍ଫି ପଏଣ୍ଟ । ସହରର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ଗତ ଧନୁଯାତ୍ରା ମହୋତ୍ସବ ପୂର୍ବରୁ ଏହା ନିର୍ମିତ ହୋଇଥିଲା । ହାତୀ ପିଠିରେ ବସି ପାତ୍ରମନ୍ତ୍ରୀଙ୍କ ଗହଣରେ ଆସି ଖୋଦ୍ କଂସ ମହାରାଜ ସେତେବେଳେ ଏହାକୁ ଉଦଘାଟନ କରିଥିଲେ । ସେହିଦିନଠାରୁ ଆଇ ଲଭ୍ ବରଗଡ଼ ସେଲ୍ଫି ପଏଣ୍ଟ ଏକ ଭିନ୍ନ ପରିଚୟ ସୃଷ୍ଟି କରିଥିଲା । ସେଲ୍ଫି ପଏଣ୍ଟର ସୌନ୍ଦର୍ଯ୍ୟକୁ ସ୍ଥାନୀୟ ଛୋଟପିଲାଠାରୁ ଆରମ୍ଭ କରି ଯୁବତୀ ଯୁବକମାନେ ଉପଭୋଗ କରି ଆସୁଥିଲେ । ସେଠାରେ ବିଭିନ୍ନ ଭଙ୍ଗୀରେ ସେଲ୍ଫି ନେବା ସେମାନଙ୍କ ପାଇଁ ଏକ ସଉକ ପାଲଟିଥିଲା । ମାତ୍ର ଏସ୍‌ପି ଅଫିସ ନିକଟରେ ରହିଥିବା ଏହି ସେଲ୍ଫି ପଏଣ୍ଟକୁ କେହି ଦୁର୍ବୃତ୍ତ ରାତାରାତି ଭାଙ୍ଗି ଦେଇଛନ୍ତି । ଫଳରେ ସେଲ୍ଫି ପଏଣ୍ଟ ଏବେ ଖାଁ ଖାଁ ଲାଗୁଛି । ଏହାର ସୌନ୍ଦର୍ଯ୍ୟ ମଧ୍ୟ ହଜିଯାଇଛି ।



ଦୁର୍ବୃତ୍ତ ଭାଙ୍ଗି ଦେଇଥିବା ବରଗଡ଼ ସହରର ସେଲ୍ଫି ପଏଣ୍ଟ ।

### ଏମାନେ କହନ୍ତି...

#### ବରଗଡ଼କୁ ଲିଭାଇ ଦିଆଗଲା



ସେଲ୍ଫି ପଏଣ୍ଟରେ ବିଭିନ୍ନ ଚିତ୍ର ଅଙ୍କା ଯାଇଛି । ହେଲେ ଆଇ ଲଭ୍ ବରଗଡ଼ ଲେଖାଟି ସହରର ଅଧିକ ଶୋଭାବର୍ଦ୍ଧନ କରୁଥିଲା । ଏହି ଲେଖାରୁ ବିଭିନ୍ନ ଅକ୍ଷରକୁ ଭାଙ୍ଗି ଦିଆଯାଇଛି । ସେଠାକାର ରଙ୍ଗ ବେରଙ୍ଗର ଆଲୋକ ମଧ୍ୟ ନାହିଁ। ସେଠାରେ ଲେଖାଥିବା ଅକ୍ଷରକୁ ଭାଙ୍ଗି ଦେବାଟା ସତେ ଯେଭଳି ବରଗଡ଼କୁ ଲିଭାଇ ଦିଆଗଲା ଭଳିଲାଗୁଛି ।ଏହାକୁପୁଣିସଜେଇଦିଆଗଲେଭଲହେବ ।

**–ଗୁରୁପ୍ରୀତ୍ ସିଂ, ସହରବାସୀ**

#### ଆମେ ଗର୍ବ ଅନୁଭବ କରୁଥିଲୁ



ଯେହେତୁ ଧନୁଯାତ୍ରା ଚାଲିଥିବାବେଳେ ସେଲ୍ଫି ପଏଣ୍ଟ ଉଦ୍‌ଘାଟିତ ହୋଇଥିଲା । ବର୍ଷକୁ ଥରେ ଧନୁଯାତ୍ରା ଆସୁଥିଲେ ହେଁ ଏହା ବିଶ୍ୱ ପ୍ରସିଦ୍ଧ ସେହି ମହୋତ୍ସବକୁ ସବୁଦିନ ମନେ ପକାଇ ଆସୁଥିଲା । ସେଠାରେ ଆଇ ଲଭ୍ ବରଗଡ଼ ଲେଖା ହୋଇଥିଲା ଏବଂ ତାହା ଆମକୁ ଗର୍ବିତ କରୁଥିଲା । ହେଲେ ଆମର ମାନ, ସମ୍ମାନ ରଖୁଥିବା ସେହି ସ୍ଥାନକୁ ଦୁର୍ବୃତ୍ତମାନେ ଭାଙ୍ଗିଦେବା ଠିକ୍ ହେଲା ନାହିଁ ।

**–ସାହିଲ ଅଗ୍ରୱାଲ, ସହରବାସୀ**

#### ସମସ୍ତଙ୍କ ସହଯୋଗ ଦରକାର



ବରଗଡ଼ ସହରକୁ ଅଧିକରୁ ଅଧିକ ସୌନ୍ଦର୍ଯ୍ୟକରଣ କରିବାର ପ୍ରୟାସ ଜାରି ରହିଛି। ଅନ୍ୟପଟେ ସେଲ୍ଫି ପଏଣ୍ଟକୁ ଦୁର୍ବୃତ୍ତମାନେ ଭାଙ୍ଗିଦେବା ଏକ ଦୁଃଖଦ ଘଟଣା । ଆଗାମୀ ଦିନରେ ଏହାକୁ ପୁଣି ସଜେଇ ଦିଆଯିବ। ସେହିପରି ସହରର ରାସ୍ତା ପ୍ରଶସ୍ତୀକରଣ ଚାଲିଛି ଏବଂ ଦୁଇଲେନ୍ ବିଶିଷ୍ଟ ରାସ୍ତା ମଝିରେ ବୃକ୍ଷରୋପଣ କରାଯିବ । ସହରର ସୌନ୍ଦର୍ଯ୍ୟକରଣରେ ସମସ୍ତେ ସହଯୋଗ କରିବା ଦରକାର ।

**–ଦେବେଶ ଆଚାର୍ଯ୍ୟ, ବିଧାୟକ**

(ରିପୋର୍ଟ: ପ୍ରେମାନନ୍ଦ ଖମାରୀ, ବରଗଡ଼)

## ସାଙ୍ଗକୁ ଠେଙ୍ଗାରେ ପିଟି ମାରିଦେଲେ, ୨ଗିରଫ

**ଲୋଇସିଂହା, ୮।୭(ଡି.ଏନ.ଏ.)**

ବଲାଙ୍ଗୀର ସଦର ଥାନା ତଥା ଲୋଇସିଂହା ବ୍ଲକ ବାଦିମୁଣ୍ଡା ଗ୍ରାମରେ ମଙ୍ଗଳବାର ରାତିରେ ଏକ ହତ୍ୟାକାଣ୍ଡ ଘଟିଛି । ହତ୍ୟାକାଣ୍ଡର ଶିକାର ହୋଇଛନ୍ତି ସୁରେଶନ ନାଏକ(୨୮) । ବୁଧବାର ପୂର୍ବାହ୍ନରେ ସଦର ପୋଲିସ ଗ୍ରାମ ହରିଜନ ପଡା ନିକଟ ନୂଆବନ୍ଧ ହୁଡାରୁ ମୃତଦେହ ଉଦ୍ଧାର କରିଥିଲା। ବଲାଙ୍ଗୀର ଭୀମ ଭୋଇ ମେଡିକାଲରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏହି ଘଟଣାରେ ୨ଜଣ ଗିରଫ ହୋଇଛନ୍ତି। ହତ୍ୟାକାଣ୍ଡରେ ବ୍ୟବହୃତ ଠେଙ୍ଗା ଜବତ ହୋଇଛି । ମୃତକଙ୍କ ଭାଇ ସୁରେନ୍ଦ୍ର ନାୟକଙ୍କ ଅଭିଯୋଗକ୍ରମେ ସଦର ଥାନାରେ ମାମଲା(ନଂ.୨୧୫/୨୦)ରୁଜୁ ହୋଇଛି । ପୋଲିସ ସୂଚନା ମତେ, ବାଦିମୁଣ୍ଡା ଗାଁର ସୁରେଶନ ନାଏକ, ଶବଣ ଦାସ ଓ ଗୁଦାଲୁ ଭୂଏ ସାଙ୍ଗ । ସୁରେଶନ ତାମିଲନାଡୁ ଦାଦନ ଖଟିବାକୁ ଯାଇଥିଲେ । ଲକ୍‌ଡାଉନ ଯୋଗୁଁ କିଛିଦିନ ତଳେ ଗାଁକୁ ଫେରିଥିଲେ। ମଙ୍ଗଳବାର ସନ୍ଧ୍ୟାରେ ୩ ସାଙ୍ଗ ନୂଆବନ୍ଧରେ ଭୋଜି କରିଥିଲେ। ସେଠାରେ କୌଣସି କଥାକୁ ନେଇ ସେମାନଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଶ୍ରବଣ ଓ ଗୁଦାଲୁ ଉତ୍ତକ୍ଷିପ୍ତ ହୋଇ ସୁରେଶନଙ୍କୁ ଠେଙ୍ଗାରେ ପିଟିଥିଲେ । ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା । ବଲାଙ୍ଗୀର ଓ ମାଗୁରବେଡା ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତନାଘନା ଚଳାଇଥିଲା । ସେହିରାତିରେ ହିଁ ଗୁଦାଲୁଙ୍କୁ ପୋଲିସ ଗିରଫ କରିଥିଲା। ବୁଧବାର ଶ୍ରବଣ ଧରା ପଡିଥିଲେ। ମାଗୁରବେଡା ଫାଣ୍ଡି ଅଧିକାରୀ ମଳୟ ପଣ୍ଡା କହିଛନ୍ତି ଯେ, ସୁରେଶନ ଜଣେ ଫେରାର ଅଭିଯୁକ୍ତ । ତାଙ୍କ ବିରୋଧରେ ମାମଲା ରହିଥିଲା । ଅନ୍ୟତମ ଅଭିଯୁକ୍ତ ଶ୍ରବଣଙ୍କ ନାମରେ ଏକାଧିକ ମାମଲା ରହିଛି ।

## କାମ ସରିବାର ୭ମାସ ବିତିଲା, ମିଳିନି ବିଲ୍

**ଦେଓଗାଁ, ୮।୭(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ରାମଚନ୍ଦ୍ରପୁର କନ୍ୟାଶ୍ରମଠାରେ ନିର୍ମାଣ ସରିଥିବା ସମୂହ ପାଇଖାନାର ସମ୍ପୂର୍ଣ୍ଣକରଣ ବିଲ୍ ହୋଇନାହିଁ। କାମ ସରିବାର ୭ମାସ ବିତି ଯାଇଥିଲେ ବି ବିଲ୍ ମିଳି ନ ଥିବାରୁ ଶ୍ରମିକ ଓ ଠିକାଦାର ବ୍ଲକ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ୨୦୧୯ ଅକ୍ଟୋବରରୁ ନିର୍ମାଣ ସରିଥିଲେ ମଧ ଏ ପର୍ଯ୍ୟନ୍ତ ପାଉଣା ମିଳିନାହିଁ। ଏଥିଯୋଗୁ ବର୍ତ୍ତମାନ ଲକଡାଉନ ସମୟରେ ଘର ଚଳାଇବା କଷ୍ଟକର ହୋଇପଡିଛି । ଖୁବ୍‌ଶୀଘ୍ର ବିଲ୍ ହେବ କହିଛନ୍ତି ବିଡିଓ ନବୀନ କିଶୋର ପାଢ଼ୀ ।

## ସୁରେଶଙ୍କୁ କର୍କଟ, ଚିକିତ୍ସା ଲାଗି ଅର୍ଥନାହିଁ



ସ୍ତ୍ରୀ ଓ ଶିଶୁ ପୁତ୍ରଙ୍କ ସହ ସୁରେଶ ।

**ଦେବଗଡ଼,୮।୭(ଡ଼ି.ଏନ.ଏ.)**

ଦେବଗଡ଼ ପୌର ପରିଷଦ ଅନ୍ତର୍ଗତ ୱାର୍ଡ଼ ନଂ.୧ ଭିତିରିଆ ସାହିର ସୁରେଶ ମାଝି (୩୫) । ତିନିମାସ ହେଲା ସେ ମୁଖ କର୍କଟ ରୋଗରେ ଆକ୍ରାନ୍ତ । ଦିନ ମଜୁରିଆଭାବେ କାମ କରି ପରିବାର ପ୍ରତିପୋଷଣ କରୁଥିବା ସୁରେଶ ଏହିଭଳି ରୋଗର ଚିକିତ୍ସା କରାଇ ପାରୁ ନାହାନ୍ତି। ସୁରେଶଙ୍କ ପରିବାର କହିଲେ ବୃଦ୍ଧ ବାପା ବାପା ଇସ୍‌ମାଇଲ ମାଝୀ,(୬୦), ମା ଅର୍ଣ୍ଣପୂର୍ଣ୍ଣା ମାଝି (୫୫), ସ୍ତ୍ରୀ ଗୀତା ଏବଂ ତିନିବର୍ଷର ଶିଶୁ ପୁତ୍ର ରୋସନ । କରୋନା ମହାମାରୀ ଯୋଗୁଁ କାମଧନ୍ଦା ବନ୍ଦ ହୋଇଯାଇଛି । ଏହି ଦୁର୍ଦ୍ଦିନରେ ଦିନକୁ ଦୁଇବେଳା ଖାଇବା ଯୋଗାଡ କରିବା ତାଙ୍କ ପାଇଁ କାଠିକର ପାଠ ହୋଇଯାଉଛି। ଏପରିସ୍ଥଳେ ସେ ଏଭଳି ଦୁରାରୋଗ୍ୟର ଚିକିତ୍ସା କିଭଳି କରାଇବେ ଚିନ୍ତାରେ ଘାରି ହେଉଛନ୍ତି । ୧୪ବର୍ଷରୁ ଉର୍ଦ୍ଧ୍ୱ ସମୟ ହେବ ସମ୍ବଲପୁର ଜିଲା ଯୁଯୁମରା ଅଞ୍ଚଳରୁ ଆସି ଏଠାରେ ରହି ଦିନ ମଜୁରିଆ କାମ କରୁଥିଲେ ସୁରେଶ। ଦେବଗଡ ସହରରରେ ଦେଢଦଶନ୍ଧି ଧରି ରହୁଥିଲେ ମଧ ସରକାରଙ୍କ କୌଣସି ଦାରିଦ୍ର୍ୟଦୂରୀକରଣ ଯୋଜନାରେ ସେ ସାମିଲ ହୋଇପାରି ନାହାନ୍ତି। ଅଦ୍ୟାବଧି ତାଙ୍କୁ ରାଶନ କାର୍ଡ ମିଳିନାହିଁ। ଖାଦ୍ୟ ସୁରକ୍ଷା ଯୋଜନାରେ ଚାଉଳ ବି ମିଳୁନି। ଏହି ପରିସ୍ଥିତିରେ ଦାରିଦ୍ର୍ୟର କଷାଘାତରେ ଦିନ କାଟୁଥିବା ସୁରେଶଙ୍କ କର୍କଟ ରୋଗର ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ। ସୁରେଶ ପରିବାର ସହ ସମ୍ବଲପୁର ଏମ୍‌ପି ନିତେଶ ଗଙ୍ଗଦେବଙ୍କୁ ଭେଟି ସହଯୋଗ କରିବା ଲାଗି ଆକୁଳ ନିବେଦନ କରିଛନ୍ତି। ସ୍ଥାନୀୟ ଲୋକେ ଚିକିତ୍ସା ଲାଗି ରିଲିଫ୍ ପାଣ୍ଠିରୁ ସହାୟତା ରାଶି ମଞ୍ଜୁର କରିବାକୁ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି।

## ମାନବପ୍ରେମୀ ଆଦିତ୍ୟଙ୍କ ସନ୍ଦେହଜନକ ମୃତ୍ୟୁ
## ଜିଲା ଭାଜପା ପକ୍ଷରୁ ସିବିଆଇ ତଦନ୍ତ ଦାବି

**ବୌଦ୍ଧ,୮।୭(ସ୍ୱ.ପ୍ର.)**

ବୌଦ୍ଧ ଜିଲାର ମାନବ ପ୍ରେମୀ ତଥା ଓଡ଼ିଶା ମଦ ବିରୋଧୀ ଅଭିଯାନର ମୁଖ୍ୟ କର୍ଣ୍ଣଧାର ଆଦିତ୍ୟ ଦାଶଙ୍କ ମୃତଦେହ ଗତ ମଙ୍ଗଳବାର ସକାଳେ ଭୁବନେଶ୍ୱରର ଲିଙ୍ଗରାଜ ଷ୍ଟେଶନ ଟ୍ରେନ୍ ଲାଇନ୍ ନିକଟରୁ ଉଦ୍ଧାର କରାଯାଇଥିଲା । ତେବେ ତାଙ୍କ ମୃତ୍ୟୁକୁ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି। ପୋଲିସ ଏହି ଘଟଣାର ତଦନ୍ତ ଜାରି ରଖିଥିବା ବେଳେ ତାଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରି ରେଳ ଧାରଣାରେ ପକାଇ ଦିଆଯାଇଥିବା ସନ୍ଦେହ କରାଯାଉଛି। ସିବିଆଇ ଦ୍ୱାରା ଏହି ମାମଲାର ତଦନ୍ତ କରାଯାଇ ମାନବପ୍ରେମୀ ସ୍ୱର୍ଗତ ଦାଶଙ୍କ ପରିବାରକୁ ନ୍ୟାୟ ପ୍ରଦାନ କରିବାକୁ ବୌଦ୍ଧ ଜିଲା ଭାଜପା ପକ୍ଷରୁ ଦାବି କରାଯାଇଛି । ଏ ନେଇ ଏକ ଦାବିପତ୍ର ଜିଲାପାଳଙ୍କ ଜରିଆରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଭାଜପା ଜିଲା ସଭାପତି ବିପ୍ର ଚରଣ ମହାନ୍ତି, ଯୁବମୋର୍ଚ୍ଚା ସଭାପତି ସୁଶାନ୍ତ କୁମାର ବାଘ, ମୁଣ୍ଡାପଡା ମଣ୍ଡଳ ସଭାପତି ଯୀଶୁ ପ୍ରଧାନ ପ୍ରମୁଖ ଜିଲାପାଳ ଲଲାଟେନ୍ଦୁ ମିଶ୍ରଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

### ଫଟୋରେ ଖବର..


ବଲାଙ୍ଗୀର ସହର ରୁଗୁଡିପଡା ସାଇ ମନ୍ଦିର ଗଳିରାସ୍ତାରେ ବର୍ଷା ପାଣି ନିଷ୍କାସନ ହୋଇପାରୁ ନାହିଁ। ଯିବା ଆସିବାରେ ଲୋକେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି ।

## ଜିଲାପାଳଙ୍କୁ ଫେରାଦ ହେଲେ ଚାଷୀ

**ଲୋଇସିଂହା, ୮।୭(ଡି.ଏନ.ଏ.)**

### ନଅଗାଁ(କ) ପ୍ୟାକ୍ସରେ ବଢୁଛି ଦୁର୍ନୀତି

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ନଅଗାଁ(କ) ପ୍ରାଥମିକ କୃଷି ସମବାୟ ସମିତିରେ ଦୁର୍ନୀତି ଓ ଚାଷୀମାରଣ ନୀତି ଅବଲମ୍ବନ କରାଯାଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ସମିତି ସମ୍ପାଦକ ଓ ଡିଇଓଙ୍କ ବିରୋଧରେ ସେମାନେ ଜିଲାପାଳ ଅରିନ୍ଦମ ଡାକୁଆଙ୍କ ନିକଟରେ ଫେରାଦ ହୋଇଛନ୍ତି। ପରେ ସେମାନେ ବିଧାୟକ ମୁକେଶ ମହାଲିଙ୍ଗ, ଜିଲାପାଳଙ୍କ ଜରିଆରେ ରାଜ୍ୟ ଖାଦ୍ୟ ଯୋଗାଣ ଓ ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗ ମତେ, ନଅଗାଁ(କ) ପ୍ୟାକ୍ସ ସମ୍ପାଦକ ରଞ୍ଜନ କୁମାର ସାହୁ ଓ ଡିଇଓଙ୍କ କାର୍ଯ୍ୟକଳାପକୁ ନେଇ ଚାଷୀମାନେ ଅସନ୍ତୋଷ ପ୍ରକାଶ କରିଆସୁଛନ୍ତି । ୨୦୧୮–୧୯ ଓ ୨୦୧୯–୨୦ ସମିତିର ଚାଷୀ ଅଧିବେଶନ ବେଳେ ଉଭୟଙ୍କ ବିରୋଧରେ ଅଭିଯୋଗ କରାଯାଇଥିଲା। ହେଲେ ଏହାକୁ ଗୁରୁତ୍ୱ ଦିଆଗଲା ନାହିଁ। ଫଳରେ ସମିତିରେ ଋଣପ୍ରଦାନ ବେଳେ ଚାଷୀଙ୍କୁ ହଇରାଣ ହରକତ କରିବା, ଧାନବିକ୍ରି ସମୟରେ ଟୋକନ ପ୍ରଦାନରେ ହେରଫେର, ଧାନକିଣାରେ ବ୍ୟାପକ ଦୁର୍ନୀତି ଓ ସମିତିକୁ ଆସୁଥିବା ଚାଷୀଙ୍କୁ ଦୁର୍ବ୍ୟବହାର କରିବାକୁ ପଛାଉ ନ ଥିବା ଅଭିଯୋଗରେ ଦର୍ଶାଯାଇଛି । ଚାଷୀ ତଥା ସରପଞ୍ଚ ଆନନ୍ଦ ବିଶି, ପୂର୍ବତନ ସରପଞ୍ଚ ମୋତିଲାଲ ସରାଫ, ମାଧବ ଚନ୍ଦ୍ର ନାଏକ, ଶଶିଭୂଷଣ ସାହୁ ନିରପେକ୍ଷ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ସମ୍ପାଦକ ରଞ୍ଜନ କୁମାର ସାହୁ ଅଭିଯୋଗକୁ ଖଣ୍ଡନ କରିଛନ୍ତି । ଚଳିତ ରବି ଧାନକିଣାକୁ ନେଇ କେତେକ ବେପାରୀ ଭିତ୍ତିହୀନ ଅଭିଯୋଗ ଆଣିଛନ୍ତି। ତେବେ ତଦନ୍ତରେ ସହଯୋଗ କରିବ ବୋଲି କହିଛନ୍ତି ।

## ଉପ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଫାଟକରେ ନାମଫଳକ ନାହିଁ

**ବିନିକା,୮।୭(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ମହାଦେବପାଲି ଉପ–ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ପ୍ରବେଶ ଫାଟକ ନିର୍ମାଣ ହେବାର ବର୍ଷେ ପୂରିଲାଣି । ମାତ୍ର ଅଦ୍ୟାବଧି ଉକ୍ତ ଫାଟକରେ ନାମ ଫଳକ ଲେଖା ହୋଇନାହିଁ। ଫଳରେ ଲୋକେ ଦୂରରୁ ଏହା ସ୍ୱାସ୍ଥ୍ୟକେନ୍ଦ୍ର ବୋଲି ଜାଣିବାରେ ସମସ୍ୟା ହେଉଛି। ଗତବର୍ଷ ମାର୍ଚ୍ଚ ମାସରେ ଆର୍‌ଡ଼ି ବିଭାଗ ପକ୍ଷରୁ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରବେଶ ଫାଟକ ନିର୍ମାଣ କାର୍ଯ୍ୟ ହୋଇଥିଲା। ତେବେ ଫାଟକ କେଉଁ କାର୍ଯ୍ୟାଳୟକୁ ସୂଚାଉଛି ତାହା ନ ଲେଖି ଛାଡି ଦିଆଗଲା । ବର୍ତ୍ତମାନ ମୁଖ୍ୟ ଫାଟକରେ ନାମ ଫଳକ ଲଗାଇବା ପାଇଁ ଅର୍ଥର ଆବଶ୍ୟକତା ରହିଛି । ଯାହାକୁ ନେଇ ସ୍ୱାସ୍ୟବିଭାଗ ଦ୍ୱନ୍ଦ୍ୱରେ ପଡିଛି । ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରୋଗୀ କଲ୍ୟାଣ ସମିତି ପାଣ୍ଠିରେ ଅସମ୍ପୂର୍ଣ୍ଣ କାର୍ଯ୍ୟ ଶେଷ କରିବା ପାଇଁ ସମିତିର ସଭ୍ୟାସଭ୍ୟଙ୍କୁ ନେଇ ଏକ ବୈଠକ କରାଯିବ । ସର୍ବସମ୍ମତି କ୍ରମେ ନିଷ୍ପତ୍ତି ହେଲେ ଫାଟକର ନାମକରଣ କରାହେବ ବୋଲି ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି । ଅପରପକ୍ଷରେ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଫାଟକରେ ନାମ ଫଳକ ଲାଗି ନ ଥିବାରୁ ସ୍ଥାନୀୟ ଅଞ୍ଚଳର ରାଜକିଶୋର ପଟ୍ଟନାୟକ , ବେଣୁଧର ପଟ୍ଟନାୟକ ,ରାଜକୁମାର ମହାକୁଡ ପ୍ରମୁଖ ଅସନ୍ତୋଷ ପ୍ରକାଶ କରିବା ସହ ଆର୍‌ଡ଼ି ବିଭାଗର କାର୍ଯ୍ୟକୁ ସମାଲୋଚନା କରିଛନ୍ତି ।

### ନିର୍ମାଣ ସରିବାର ବର୍ଷେ ବିତିଲାଣି


ନାମ ଫଳକ ନ ଥିବା ମୁଖ୍ୟ ଫାଟକ ।

## ନିରାଶ କରିଛି ଜମି ଅଧିଗ୍ରହଣ

**ରାଉରକେଲା ଅଫିସ,୮।୭**

### ତାଳଚେର-ବିମଳାଗଡ଼ ରେଳପଥ ପ୍ରସଙ୍ଗ



ବହୁ ପ୍ରତୀକ୍ଷିତ ତାଳଚେର ବିମଳାଗଡ଼ ରେଳପଥ ନିର୍ମାଣ କାର୍ଯ୍ୟ ୨୦୨୨ ଡିସେମ୍ବର ସୁଦ୍ଧା ସମ୍ପୂର୍ଣ୍ଣ ନେଇ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା । ତେବେ ସମସ୍ତ କାର୍ଯ୍ୟ ଯେଉଁଭଳି କଚ୍ଛପ ଗତିରେ ଚାଲିଛି ଏହି ପ୍ରକଳ୍ପ ନିକଟ ଭବିଷ୍ୟତରେ ଶେଷ ହେବା ନେଇ ସଂଶୟ ଦେଖାଦେଇଛି। ଦୀର୍ଘ ୧୭ ବର୍ଷରୁ ମଞ୍ଜୁରୀପ୍ରାପ୍ତ ଏହି ପ୍ରକଳ୍ପ ଶେଷ ନେଇ ପ୍ରଶାସନିକ ଶିଥିଳତା ସମ୍ପୃକ୍ତ ଜିଲାବାସୀଙ୍କୁ ନିରାଶ କରିଛି । ଏ କ୍ଷେତ୍ରରେ ଘରୋଇ, ସରକାରୀ ଓ ଜଙ୍ଗଲ ଜମି ଅଧିଗ୍ରହଣ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇ ପାରୁ ନ ଥିବାରୁ ରେଳପଥ କାମ ଆଗେଇ ପାରୁନି। ଅନୁଗୁଳ ସମେତ ଦେବଗଡ଼ ଓ ସୁନ୍ଦରଗଡ ଜିଲାରେ ପ୍ରକଳ୍ପ ନେଇ ଲାଗି ରହିଥିବା ବାଧା ଦୂର ହୋଇ ପାରୁନି। ଆହୁରି ଅନେକ ସ୍ଥାନରେ ବିଦ୍ୟୁତ୍ ଖୁଣ୍ଟ, ପାଣି ପାଇପ ସ୍ଥାନାନ୍ତର ହୋଇ ପାରୁନି। ଜମି ଅଧିଗ୍ରହଣ ଏକ ବଡ ବାଧକ ହୋଇଥିବା ବେଳେ ସେତୁ ଓ କଲଭର୍ଟ ନିର୍ମାଣ ଆଶାନୁରୂପ ଭାବେ ଆଗେଇ ପାରୁନି ବୋଲି ଅଭିଯୋଗ ହୋଇଛି ।

ସୁନ୍ଦରଗଡ଼ ଜିଲାର ବିମଳାଗଡ଼ ପଟୁ ରେଳପଥ କାମ ଦ୍ୱରିତ ବେଗରେ ଆଗେଇବ ବୋଲି ଆଶା କରାଯାଇଥିଲା । ହେଲେ ସବୁ ଫସର ଫାଟିଗଲା ଭଳି ସ୍ଥିତି ଉତ୍ପନ୍ନ ହୋଇଛି। ଅପରପକ୍ଷେ ବ୍ୟୟ ବରାଦ ସତ୍ତ୍ୱେ ତାଳଚେର ପଟୁ କାମ ଆଗେଇ ପାରୁନି କି ଅର୍ଥ ଖର୍ଚ୍ଚ ହୋଇ ପାରୁନି। ଏଠାରେ ଜମି ଅଧିଗ୍ରହଣ ନେଇ ଅନୁରୂପ ସମସ୍ୟା ଲାଗି ରହିଛି। ବିଭିନ୍ନ ସ୍ଥାନରେ ଘରୋଇ ଜମି ସକାଶେ ବିବାଦ ଓ ରେଲୱେ ଓଭର ବ୍ରିଜ କାମକୁ ସ୍ଥାନୀୟ ଲୋକଙ୍କ ବିରୋଧ ନେଇ ସମାଧାନ ରାସ୍ତା ବାହାରି ପାରୁନି। ଏଣୁ ଠିକଣା ସମୟରେ ପ୍ରସ୍ତାବିତ କାର୍ଯ୍ୟ ସଫଳ ହୋଇ ପାରୁନି। ଫଳରେ ଅନୁଦାନ ରାଶି ଫେରି ଯାଉଛି। ଗତ ଷାଠିଏ ଦଶକରୁ ତାଳଚେର ବିମଳାଗଡ ରେଳପଥ ନେଇ ଦାବି ହୋଇ ଆସୁଛି। ଏନେଇ ଲଗାତର ଭାବେ ବିଭିନ୍ନ ସଙ୍ଗଠନ ସହ ଲୋକ ପ୍ରତିନିଧି ସ୍ୱର ଉତ୍ତୋଳନ କରି ଆସୁଛନ୍ତି। ଏହି ରେଳପଥ ନିର୍ମାଣ ହେଲେ ଆଭ୍ୟନ୍ତରୀଣ ପଛୁଆ ଅଞ୍ଚଳର ବିକାଶ ସାଧିତ ହୋଇ ପାରିବ। ପଶ୍ଚିମ ଓଡ଼ିଶା ସହ ପୂର୍ବ ଓଡିଶାର ସମ୍ପର୍କ ଦୃଢ ହେବ। ରେଳବାଇ ଅଧିକ ରାଜସ୍ୱ ପାଇବ। ଖଣି ଓ ଶିଳ୍ପାଞ୍ଚଳ ପାଇଁ ଏହି ରେଳପଥ ଏକ ମାଇଲଖୁଣ୍ଟ ଭାବେ ସାବ୍ୟସ୍ତ ହେବ। ଏଭଳି ଅବସ୍ଥାରେ ତାଳଚେର–ବିମଳାଗଡ ରେଳପଥ ପ୍ରତି ଦୃଷ୍ଟି ଦିଆ ଯାଉନି।

ସୁନ୍ଦରଗଡ ଏମ୍‌ପି ଜୁଏଲ ଓରାମ ଏନେଇ କେନ୍ଦ୍ରୀୟସ୍ତରରେ ଆଲୋଚନା କରିବା ସହ ଦାବିପତ୍ର ପ୍ରଦାନ କରିଛନ୍ତି। ୨୦୧୭ ମାର୍ଚ୍ଚରେ ଓରାମ ମୁଖ୍ୟମନ୍ତ୍ରୀଙ୍କୁ ଏହି ପ୍ରସଙ୍ଗରେ ହସ୍ତକ୍ଷେପ କରିବାକୁ ପତ୍ର ଲେଖିଥିଲେ। ଗତ ଫେବୃଆରୀରେ ଲୋକସଭାରେ ବିଭାଗୀୟ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏବେ ୪୩୯ ଏକର ଜମି ଅଧିଗ୍ରହଣ ନେଇ ପରିବେଶ ମଞ୍ଜୁରୀ ମିଳିସାରିଛି। ଘରୋଇ ଜମି ଅଧିଗ୍ରହଣ ପାଇଁ ବିଭିନ୍ନ ଆଇନଗତ ପଦକ୍ଷେପ ନିଆଯାଇଛି। ଏମିତି ଅବସ୍ଥାରେ ସରକାରଙ୍କ ଅଧୀନରେ ରହିଥିବା ୪୨୧ ଏକର ଜମି ରେଳବାଇକୁ ହସ୍ତାନ୍ତର ହୋଇ ପାରୁନି। ଦକ୍ଷ ପ୍ରଶାସନିକ ଅଧିକାରୀ ଅଭାବ ଏ କ୍ଷେତ୍ରରେ ଅନ୍ତରାୟ ସୃଷ୍ଟି କରିଛି। ଏମିତି ଅବସ୍ଥାରେ ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ମନ୍ତ୍ରୀ ସୁଦାମ ମାରାଣ୍ଡିଙ୍କୁ ଗତ ୬ ତାରିଖରେ ଭୁବନେଶ୍ୱରରେ ଭେଟି ଏମ୍‌ପି ଓରାମ ଏଥିରେ ହସ୍ତକ୍ଷେପ କରିବାକୁ ଦାବି କରିଛନ୍ତି।

## ଗାଁ ଭିତରେ ସଙ୍ଗରୋଧ କେନ୍ଦ୍ରକୁ ବିରୋଧ

ଜମନକିରା, ୮।୭(ଡି.ଏନ.ଏ.): ସମ୍ବଲପୁର ଜିଲା ଜମନକିରା ମାଳିପଡ଼ା ମଧ୍ୟରେ ଥିବା ରାଜୀବ ଭବନ ଭିତରେ ହେବାକୁ ଥିବା ସଙ୍ଗରୋଧ କେନ୍ଦ୍ରକୁ ଲୋକେ ବିରୋଧ କରିଛନ୍ତି। ଜନ ବସତି ଭିତରେ ସଙ୍ଗରୋଧ କେନ୍ଦ୍ର ନ କରିବାକୁ ପଡ଼ାର ମହିଳାମାନେ ଦାବି କରିଛନ୍ତି। କେତେକ ମହିଳା ବ୍ଲକ୍ କାର୍ଯ୍ୟାଳୟକୁ ଯାଇ ଦାବିପତ୍ର ମଧ୍ୟ ପ୍ରଦାନ କରିଛନ୍ତି। ନିୟମ ଅନୁସାରେ ସଙ୍ଗରୋଧ କେନ୍ଦ୍ରଗୁଡ଼ିକ ଜନ ବସତିଠାରୁ ଦୂରରେ ରହିବା ଆବଶ୍ୟକ। ହେଲେ ବ୍ଲକ୍ ପ୍ରଶାସନ ଏଠାରେ ସଙ୍ଗରୋଧ କେନ୍ଦ୍ର ଖୋଲିବାକୁ ଲୋକେ ଗ୍ରହଣ କରି ପାରୁ ନାହାନ୍ତି।

**ସଂକ୍ଷେପରେ**

### ରାସ୍ତା କଡ଼କୁ ଓଲଟି ପଡ଼ିଲା ଟ୍ରକ୍

ଲହୁଣୀପଡା, ୮।୭ (ଡି.ଏନ.ଏ): ସୁନ୍ଦରଗଡ ଜିଲା ଲହୁଣୀପଡା ଥାନା ଅଧୀନ କଲେଇପୋଷ-ବାହାଡାପଷି ୧୦ (କ) ରାଜ୍ୟ ରାଜପଥର ପୋଇଗାଁ ନିକଟରେ ଭାରସାମ୍ୟ ହରାଇ ଏକ ଟ୍ରକ୍ (ଓଡି ୧୪ ଏଚ- ୧୪୮୮) ଓଲଟି ପଡିଛି । ଫଳରେ ଗାଡିରେ ଥିବା ଚାଳକ ଓ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ସ୍ଥାନୀୟ ଲୋକଙ୍କ ସହାୟତାରେ ଏମାନଙ୍କୁ ବଣେଇ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରୁ ରାଉରକେଲା ସରକାରୀ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ଗାଡିକୁ ଜବତ କରିଛି।

### ବୁଣାକାରଙ୍କୁ ବ୍ୟବସାୟିକ ତାଲିମ

ବରପାଲି, ୮।୭ (ଡି.ଏନ.ଏ.): ବରଗଡ଼ ଜିଲା ବରପାଲି ବ୍ଲକ୍ ବାଗବାଡିଠାରେ ମଙ୍ଗଳବାର ୨୦ ଜଣ ଯୁବ ବୁଣାକାରଙ୍କୁ ବ୍ୟବସାୟିକ ତାଲିମ ଦିଆଯାଇଛି। ଏଥିରେ ଇମ୍ପେରିଏଲ୍ କଲେଜ ନିର୍ଦ୍ଦେଶକ ଦୀପକ ଗୋୟଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଘରେ ରହି କିଭଳି ଭାବରେ ନିଜେ ବୁଣୁଥିବା ଲୁଗା ବିକ୍ରି କରାଯାଇପାରିବ ତାହା ଉପରେ ନୋଡାଲ ଅଫିସର ବିଷ୍ଣୁ ପ୍ରସାଦ ପଣ୍ଡା ତାଲିମ ଦେଇଥିଲେ। ଭରତ ମେହେର ଧନ୍ୟବାଦ ଦେଇଥିଲେ ।

### ରାସ୍ତା ଉପରେ ଜମି ରହୁଛି ଆଣ୍ଠୁଏ ପାଣି

ବରପାଲି, ୮।୭ (ଡି.ଏନ.ଏ): ବରଗଡ଼ ଜିଲା ବରପାଲି ବ୍ଲକ ଅଧୀନ ବନ୍ଧପାଲି-ବିଜେପୁର ରାସ୍ତାର ଗାଁ ମଝିରେ ଆଣ୍ଠୁଏ ଉଚ୍ଚର ପାଣି ଜମି ରହୁଛି । ନିକଟରେ ହୋଇଥିବା ରାସ୍ତା କାମ କିଛି ଦିନ ହେବ ବନ୍ଦ ରହିବା ଯୋଗୁ ସାମାନ୍ୟ ବର୍ଷାରେ ପାଣି ଜମି ରହି ଲୋକଙ୍କ ଯିବା ଆସିବାରେ ବାଧକ ସାଜିଛି । ଏପରି କି ଯାନବାହାନ ଯାତାୟତରେ ମଧ ବାଧା ସୃଷ୍ଟି ହେଉଛି । ଏହି ରାସ୍ତା କଡରେ ସ୍କୁଲ ଓ ସାପ୍ତାହିକ ହାଟ, ହଟଲି ବସୁଥିବା ବେଳେ ଲୋକେ ଦୁର୍ଦ୍ଦଶା ଭୋଗୁଛନ୍ତି । ଫଳରେ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି । ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚ କବିତା କଲେତଙ୍କ ଜନପ୍ରତିନିଧି ସୁଦାମ କଲେତଙ୍କୁ ପଚାରିବାରୁ ତୁରନ୍ତ ରାସ୍ତା କାମ ହେବ ବୋଲି ପ୍ରକାଶ କରିଥିଲେ ।

### ହଲ୍, ପେଣ୍ଡାଲ ନିର୍ମାଣ ଲାଗି ଏମ୍‌ସିଏଲ୍ ପକ୍ଷରୁ ଅର୍ଥ ମଞ୍ଜୁର

ସମ୍ବଲପୁର, ୮।୭ (ବ୍ୟୁରୋ): ଅନୁଗୋଳ ଜିଲାର କଣିହାଁ ପବିତ୍ରମୋହନ ହାଇସ୍କୁଲରେ ଏକ ହଲ୍ ନିର୍ମାଣ କରାଯିବ । ଏଥିପାଇଁ ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ୍) ୪.୨ ଲକ୍ଷ ଟଙ୍କା ମଞ୍ଜୁର କରିଛି। ସେହିଭଳି ସୁନ୍ଦରଗଡ଼ ଜିଲାର ହେମଗିରି, ଟାଙ୍ଗରପାଲି, ଲେଫ୍ରିପଡା ଓ ସଦର ବ୍ଲକର ୩୧ଟି ଗ୍ରାମରେ ଖୋଲା ପେଣ୍ଡାଲ ନିର୍ମାଣ ହେବ। ଏଥିପାଇଁ ମଧ ଏମ୍‌ସିଏଲ୍ ୨.୯୪ କୋଟି ଟଙ୍କା ମଞ୍ଜୁର କରିଛି।

### ପାହାଡ଼ରୁ ମହିଳାଙ୍କ ଗଳିତ ମୃତଦେହ ଉଦ୍ଧାର

ବଘିଆପଡା,୮।୭(ଡି.ଏନ.ଏ.): ବୌଦ୍ଧ ଜିଲା ବଘିଆପଡା ଫାଣ୍ଡି ଅନ୍ତର୍ଗତ ନାଗ ପାହାଡରୁ ଜଣେ ବିଧବା ମହିଳାଙ୍କ ଗଳିତ ମୃତଦେହ ବୁଧବାର ଉଦ୍ଧାର ହୋଇଛି। ତାଙ୍କୁ ହତ୍ୟା କରାଯାଇଥିବା ବାପଘର ପକ୍ଷରୁ ଅଭିଯୋଗ ହୋଇଛି । ମିଳିଥିବା ସୂଚନା ମୁତାବକ, ଆମ୍ଭଝରୀ ପଞ୍ଚାୟତ ଅଧୀନ ଗଣ୍ଡିସର ଗ୍ରାମର ସୁମନ୍ତ ହାତୀଙ୍କ ଝିଅ ରୀନା (୩୦) ଗତ ୮ ଦିନ ହେଲା ଶାଶୁଘରୁ ନିଖୋଜ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ହେଁ ତାଙ୍କର ପତ୍ତା ମିଳି ନ ଥିଲା । ବୁଧବାର ସକାଳେ ଗ୍ରାମର କେତେକ ମହିଳା ନାଗପାହାଡ ଜଙ୍ଗଲକୁ ଜାଳେଣି କାଠ ସଂଗ୍ରହ ପାଇଁ ଯାଇଥିଲେ । ଏହି ସମୟରେ ସେମାନେ ଜଙ୍ଗଲରେ ଏକ ଗଛ ତଳେ ଜଣେ ମହିଳାଙ୍କ ମୃତଦେହ ପଡିଥିବା ଦେଖି ଗ୍ରାମବାସୀଙ୍କୁ ଜଣାଇଥିଲେ। ଗ୍ରାମବାସୀଙ୍କ ଠାରୁ ସୂଚନା ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ପରେ ମୃତଦେହ ସୁମନ୍ତଙ୍କ ଝିଅ ରୀନା ହାତୀଙ୍କର ବୋଲି ଜଣା ପଡିଥିଲା। ସୁମନ୍ତ ତାଙ୍କ ଝିଅକୁ ହତ୍ୟା କରାଯାଇଥିବା ନେଇ ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାଯାଇଛି। ଅଭିଯୋଗକୁ ଭିତ୍ତି କରି ପୋଲିସ ପକ୍ଷରୁ ଘଟଣାର ତଦନ୍ତ ଜାରି ରହିଛି। ସୂଚନାଯୋଗ୍ୟ ଯେ, ରୀନା ବୌଦ୍ଧ ଜିଲା ସାହାଜପାଲ ନିକଟସ୍ଥ ମାନେଶ୍ୱର ଗ୍ରାମରେ ବିବାହ କରିଥିବା ବେଳେ ତିନି ବର୍ଷ ପୂର୍ବରୁ ତାଙ୍କ ସ୍ୱାମୀଙ୍କ ପରଲୋକ ହୋଇଯାଇଛି।

# ବଢୁଛି ବର୍ଷାଦିନିଆ ଛତୁର ଚାହିଦା

କେନ୍ଦୁଝର, ୮।୭ (ସ୍ୱ.ପ୍ର.)

ଛତୁ ଶାକାହାରୀମାନଙ୍କ ପ୍ରିୟଖାଦ୍ୟ । ସମସ୍ତେ ଛତୁ ଖାଇବାକୁ ଭଲ ପାଇଥାନ୍ତି। ଯଦିଓ ଆଜିକାଲି ବର୍ଷ ତମାମ ଛତୁ କୃତ୍ରିମ ଉପାୟରେ ଚାଷ କରି ଉତ୍ପାଦନ କରାଯାଉଛି ତେବେ ପ୍ରାକୃତିକ ପରିବେଶରେ ଉଠୁଥିବା ଛତୁର ଚାହିଦା ଅଧିକ ଓ ସ୍ୱାଦ ଅତିନିଆରା । ବିଶେଷ କରି ବର୍ଷାଦିନ ଆସିଲେ ରାସ୍ତାଘାଟରେ ଛତୁର ପସରା ମେଲିଯାଏ । କେନ୍ଦୁଝରରେ ବନବାସୀମାନେ ବର୍ଷାଦିନେ ବିଭିନ୍ନ ରଙ୍ଗବେରଙ୍ଗର ଛତୁ ବଣଜଙ୍ଗଲରୁ ସଂଗ୍ରହ କରି ରାସ୍ତାଘାଟ, ହାଟବଜାରରେ ପସରା ମେଲାଇ ଗ୍ରାହକଙ୍କ ଅପେକ୍ଷାରେ ବସିଥାନ୍ତି।

ବିଭିନ୍ନ ପ୍ରକାରର ଛତୁ ବଣଜଙ୍ଗଲରେ ଫୁଟିଥାଏ। ବର୍ଷା ପାଣି ପଡ଼ିବା ପରେ ବାଡ଼ିବଗିଚା, ଜଙ୍ଗଲ ମାଟିରେ ଛତୁ ଫୁଟିଥାଏ । ବନବାସୀମାନେ ସକାଳୁ ସକାଳୁ ଟୋକେଇ,ବ୍ୟାଗ, ଝୁଡ଼ି, ପାଛିଆ ଆଦି ଧରି ଜଙ୍ଗଲକୁ ଯାଇ ଛତୁ ସଂଗ୍ରହ କରିଥାନ୍ତି। ଛତୁ ମଧ୍ୟରେ ଅଧିକ ସୁଆଦିଆ ହେଉଛି ବାଲି ଛତୁ, ରୁଗୁଡ଼ା, ବିହୁଡୁଣୀ ଓ କୁଟା ଛତୁ। ଏଣୁ ସେସବୁର ଚାହିଦା ଅଧିକ। ବନବାସୀମାନଙ୍କଠାରୁ ବେପାରୀମାନେ ଏହି ଛତୁ କିଣିନେଇ ଚଢା ଦରରେ ଲୋକଙ୍କୁ ବିକିଥାନ୍ତି। ଫଳରେ ବନବାସୀମାନେ ଉଚିତ ମୂଲ୍ୟ ପାଉନାହାନ୍ତି। ଏହି ଛତୁ ମଧ ବାହାର ଜିଲା ଓ ରାଜ୍ୟକୁ ଚାଲାଣ ହୋଇଥାଏ। ଜିଲାକୁ ଆସୁଥିବା ଲୋକ ବା ପର୍ଯ୍ୟଟକମାନେ ମଧ ଖୁସିରେ କିଣି ନେଇଥାନ୍ତି । ଏହା ବ୍ୟତୀତ ପିଚ, ମଣ୍ଡା, ପତୁରା, ମହାମଣି, ଭାନୁ, ଅଙ୍ଗାରୁ, କୁଟା, ବାଉଁଶ, କାଠଛତୁ ଆଦି ଛତୁ ଜଙ୍ଗଲରେ ମିଳିଥାଏ। ଯାହାର ଚାହିଦା ଓ ଦାମ୍ ଅନ୍ୟ ଅପେକ୍ଷା କମ୍।



ବନବାସୀମାନେ ଛତୁର ପସରା ମେଲି ଗ୍ରାହକଙ୍କୁ ଅପେକ୍ଷା କରିଛନ୍ତି।

ଛତୁ ସ୍ୱାସ୍ଥ୍ୟ ପକ୍ଷେ ହିତକର । ଅନେକ ସମୟରେ ଜଙ୍ଗଲରେ ବିଷାକ୍ତ ଛତୁ ମଧ ମିଳିଥାଏ। ଯାହାକୁ ଖାଇ ଲୋକେ ଅସୁସ୍ଥ ହୋଇ ମୃତ୍ୟୁମୁଖରେ ପଡ଼ନ୍ତି। ଏଣୁ ଛତୁକୁ ବାଛି ଖାଇବା ଉଚିତ ବୋଲି ବୈଦ୍ୟ ବିଶାରଦ ହରେକୃଷ୍ଣ ମହାନ୍ତ କହିଛନ୍ତି। ଆଗରୁ ଘରବାଡ଼ି, ପଡ଼ିଆ, ଜଙ୍ଗଲ ଓ ପାହାଡ଼ରେ ବହୁତ ପ୍ରକାର ଛତୁ ମିଳୁଥିଲା । ତେବେ ଆଜିକାଲି ଆଉ ସେତେ ମିଳୁନାହିଁ। ଜଙ୍ଗଲ ଓ ପାହାଡ଼ ଭିତରକୁ ଯିବାକୁ ପଡୁଛି ଏବଂ ଅନେକ ସମୟରେ ଦୁର୍ଘଟଣାର ଶିକାର ହେବାକୁ ପଡୁଛି ବୋଲି ଛତୁ ସଂଗ୍ରହକାରୀ ରାଇମଣି ନାଏକ କହିଛନ୍ତି। ଜଙ୍ଗଲ କ୍ଷୟ ଏବଂ ଜଳବାୟୁରେ ପରିବର୍ତ୍ତନ ଯୋଗୁ ଆଗଭଳି ଛତୁ ମିଳୁନାହିଁ। ତେବେ ଏହାର ଆବଶ୍ୟକତା ଆଜିକାଲି ଚାଷ ହେଉଥିବା କୁଟା ଛତୁ, ବଟମ ଆଦି ଛତୁ ପୂରଣ କରୁଥିଲେ ହେଁ ସେଭଳି ସ୍ୱାଦ ମିଳୁନାହିଁ ବୋଲି ଶିକ୍ଷାବିତ ଡ. ଅନିଲ କୁମାର ଦାସ ପ୍ରକାଶ କରିଛନ୍ତି।

## ସୁବର୍ଣ୍ଣପୁରରେ ରାତିରେ କର୍ଫ୍ୟୁ, ଶନିବାର ଓ ରବିବାର ଶଟ୍‌ଡାଉନ

ସୋନପୁର,୮।୭(ନି.ପ୍ର.)

ସୁବର୍ଣ୍ଣପୁର ଜିଲାରେ କରୋନା କାୟା ବିସ୍ତାର କରିବାରେ ଲାଗିଛି। ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇ ୪୫ରେ ପହଞ୍ଚିଲାଣି। ସ୍ଥାନୀୟ ଲୋକଙ୍କ ସ୍ୱାବ୍ ରିପୋର୍ଟ ପଜିଟିଭ୍ ଆସୁଛି। ବସ୍, ଟ୍ରେନ୍ ଚଳାଚଳ କରିବା ପରେ ରାଜ୍ୟର ହଟ୍‌ସ୍ପଟ୍ ଜିଲାରୁ ଲୋକମାନେ ଆସି ସର୍ବସାଧାରଣ ସ୍ଥାନରେ ବୁଲାବୁଲି କରୁଛନ୍ତି। ପଡୋଶୀ ଜିଲାଗୁଡିକରେ ସ୍ଥିତି ଅଣାୟତ୍ତ ହେବାକୁ ବସିଛି। ତେଣୁ ଜିଲାରେ କରୋନା ସଂକ୍ରମଣକୁ ପ୍ରତିହତ କରିବା ପାଇଁ ଜିଲାପାଳ ମୋନିଷା ବାନାର୍ଜୀ ଜୁଲାଇ ୩୧ ପର୍ଯ୍ୟନ୍ତ କଟକଣା ଜାରି କରିଛନ୍ତି। ଜିଲାରେ ବୁଧବାର ଠାରୁ ପ୍ରତ୍ୟହ ରାତି ୭ରୁ ସକାଳ ୭ଟା ପର୍ଯ୍ୟନ୍ତ କର୍ଫ୍ୟୁ ଜାରି ହୋଇଛି। ଏହି ସମୟରେ ଜରୁରୀ କାମ ନ ଥିଲେ କେହି ବାହାରେ ବୁଲାବୁଲି କରି ପାରିବେ ନାହିଁ। ଏଥିପାଇଁ ପୋଲିସ ପ୍ରଶାସନ ପକ୍ଷରୁ ଜିଲାର ସମସ୍ତ ପ୍ରବେଶ ପଥକୁ ସିଲ୍ କରାଯାଇଛି। ତନଖିକୁ ଜୋରଦାର କରାଯାଇଛି। ସେହିପରି ସପ୍ତାହର ଶେଷ ଦୁଇ ଦିନ ଶନିବାର ଓ

**ହଟ୍‌ସ୍ପଟ୍ ଅଞ୍ଚଳରୁ ଆସିଲେ ୧୪ ଦିନିଆ ହୋମ୍ କ୍ୱାରାଣ୍ଟାଇନ୍**

ରବିବାର ଜିଲା ସମ୍ପୂର୍ଣ୍ଣ ଶଟ୍‌ଡାଉନ୍ ରହିବ। ଏହି ସମୟରେ ଜରୁରୀ ସେବାରେ ନିୟୋଜିତ ଯାନବାହାନ, ପ୍ରତିଷ୍ଠାନ ବ୍ୟତୀତ ଅନ୍ୟ ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ରୂପେ ବନ୍ଦ ରହିବ। ଦୋକାନ ବଜାର, ସରକାରୀ ଓ ବେସରକାରୀ ପ୍ରତିଷ୍ଠାନ ବନ୍ଦ ରହିବ ବୋଲି ଜିଲାପାଳ ନିର୍ଦ୍ଦେଶନାମା ଜାରି କରିଛନ୍ତି। ସେହିପରି ନିର୍ଦ୍ଦେଶନାମାରେ ରାଜ୍ୟର ହଟ୍‌ସ୍ପଟ୍ ଜିଲାରୁ ସୁବର୍ଣ୍ଣପୁରକୁ ପ୍ରବେଶ ମନା ରହିଛି। ଗଞ୍ଜାମ, ଗଜପତି, ଖୋର୍ଦ୍ଧା, କଟକ, ଯାଜପୁର, ଜଗତସିଂହପୁର, ବାଲେଶ୍ୱର, ମୟୂରଭଞ୍ଜ, ସୁନ୍ଦରଗଡ, ପୁରୀ, କେନ୍ଦ୍ରାପଡା, ଭଦ୍ରକ ଓ ବଲାଙ୍ଗୀର ଜିଲାରୁ କେହି ସୁବର୍ଣ୍ଣପୁର ଜିଲାକୁ ଆସିଲେ ଟିଏମ୍‌ସିରେ ନଚେତ୍ ହୋମ୍ କ୍ୱାରାଣ୍ଟାଇନ୍‌ରେ ୧୪ ଦିନ ରହିବା ବାଧ୍ୟତାମୂଳକ କରାଯାଇଛି। ଜନସାଧାରଣ ଏଥିରେ ସହଯୋଗ କରିବାକୁ ଜିଲାପାଳ ନିବେଦନ କରିଛନ୍ତି।

## ଦୁର୍ଘଟଣାରେ ଦିବ୍ୟାଙ୍ଗ ଯୁବକଙ୍କୁ ଟ୍ରାଇସାଇକେଲ ପ୍ରଦାନ

ରେଙ୍ଗାଲି,୮।୭(ଡି.ଏନ.ଏ.)

ସମ୍ବଲପୁର ଜିଲା ଶାସନ ଅଞ୍ଚଳର ନେପାଳ ଦେ। ଘରଦ୍ୱାର କି ଇଞ୍ଚେ ଜମି ନାହିଁ। ପରିବାର କହିଲେ ଏକମାତ୍ର ପୁଅ ଶଙ୍କର କୁମାର ଦେ (୩୪) ତାଙ୍କ

**ଷ୍ଟେଶନ୍ ବାରଣ୍ଡାରେ ରହୁଛନ୍ତି ବାପ, ପୁଅ**

ସାହା ଭରସା। ଉଭୟ ଏବେ ଶାସନ ରେଳ ଷ୍ଟେଶନ ବାରଣ୍ଡାରେ ଆଶ୍ରୟ ନେଇଛନ୍ତି। ମାଗିଯାଚି ଚଳୁଛନ୍ତି। ତେବେ ଏକ ଦୁର୍ଘଟଣା ଯୋଗୁ ଶଙ୍କର ଚାଲିବୁଲି ପାରୁ ନାହାନ୍ତି। ଯେଉଁ ବୟସରେ ସେ ବାପାଙ୍କୁ ପୋଷିବା କଥା ସେ ବୟସରେ ଓଲଟି ବାପା ତାଙ୍କୁ ପୋଷୁଛନ୍ତି। ଶଙ୍କରଙ୍କୁ ଡାକ୍ତରଖାନା ନେବାକୁ ବାପା ନେପାଳଙ୍କୁ ବହୁ କଷ୍ଟ ହେଉଛି। ଏହା ଜାଣିବା ପରେ ଶଙ୍କରଙ୍କ ଉପରେ ହିମାଂଶୁ ଶେଖର ମିଶ୍ର ନାମକ ଜଣେ ସହୃଦୟ ବ୍ୟକ୍ତିଙ୍କ ଦୃଷ୍ଟି ପଡ଼ିଛି। ତାଙ୍କ ଯିବା ଆସିବାରେ ସୁବିଧା ଲାଗି ମିଶ୍ର ଏକ ଟ୍ରାଇସାଇକେଲ ପ୍ରଦାନ କରିଛନ୍ତି। ଅନ୍ୟପକ୍ଷେ ସରକାରୀ ଯୋଜନାରେ ବାପ ପୁଅଙ୍କ ରହିବା ପାଇଁ ଏକ ଘର ନିର୍ମାଣ ଲାଗି ବ୍ୟବସ୍ଥା କରିବାକୁ ଧନକଉଡା ବ୍ଲକ ବିଡିଓ ବସନ୍ତ ହାତୀଙ୍କୁ ଅନୁରୋଧ କରାଯାଇଛି। ବିଡିଓ ମଧ ପ୍ରତିଶ୍ରୁତି ଦେଇଛନ୍ତି।



## ଦୁର୍ଘଟଣାରେ ବାପା ମୃତ, ପୁଅ ଆହତ

ଲଖନପୁର, ୮।୭(ଡି.ଏନ୍.ଏ.)

ଝାରସୁଗୁଡା ଜିଲା ଲଖନପୁର ଥାନା ୪୯ ନଂ ଜାତୀୟ ରାଜପଥ ପତ୍ରାପାଲି ଛକ ନିକଟରେ ବୁଧବାର ସନ୍ଧ୍ୟାରେ ଟାଟା ମ୍ୟାଜିକ୍ ବାଇକ୍‌କୁ ଧକ୍କା ଦେଇଥିଲା। ଏଥିରେ ବାଇକ୍‌ରେ ଥିବା ୨ଜଣ ଆହତ ହୋଇଥିଲେ। ଆହତଙ୍କୁ ଗୁରୁତର ଅବସ୍ଥାରେ ଲଖନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ଜଣଙ୍କୁ ମୃତ ଘୋଷଣା କରିଥିଲେ। ମୃତକ ହେଲେ ଦୀନବନ୍ଧୁ ରାଉତ(୫୫) ଓ ତାଙ୍କ ପୁଅ ତେଜରାମ ରାଉତ(୩୨)। ଉଭୟ ସିଂହାରପୁର ଗ୍ରାମର। ଲଖନପୁର ଥାନା ପୋଲିସ ମୃତଦେହ ଓ ଉଭୟ ଗାଡିକୁ ଜବତ କରିଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି। ପୋଲିସ୍ ଦୁର୍ଘଟଣା ଘଟାଇଥିବା ଛତିଶଗଡ ରାୟଗଡର ଟାଟା ମ୍ୟାଜିକ୍ ଚାଳକ ମହାବୀର ଦାସ ମହନ୍ତଙ୍କୁ ଗିରଫ କରିଛି।

## ଡୁଙ୍ଗୁରିପାଲି ବ୍ଲକର ୧୨ ରାସ୍ତା ସିଲ୍

ସୋନପୁର,୮।୭(ନି.ପ୍ର.)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ମୁଖ୍ୟାଳୟର କପିଳେଶ୍ୱର ବସ୍ତି, କେନାଲ ବସ୍ତି ଓ ଇଛାପୁର ପଞ୍ଚାୟତର କନ୍ଦମୁଣ୍ଡା ଗ୍ରାମକୁ ଜିଲାପାଳ ମୋନିଷା ବାନାର୍ଜୀ ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରିଛନ୍ତି।ଏହି ୩ ଗ୍ରାମକୁ ସଂଯୋଗ କରୁଥିବା ୧୨ଟି ରାସ୍ତାକୁ ସିଲ୍ କରାଯାଇଛି। ମଙ୍ଗଳବାର ଜଣେ ୫ ବର୍ଷର ଶିଶୁ କନ୍ୟାଙ୍କ ସମେତ ୬ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ଆକ୍ରାନ୍ତଙ୍କ ମଧ୍ୟରୁ ଜଣେ ମହାରାଷ୍ଟ୍ର ଫେରନ୍ତା ହୋଇଥିବା ବେଳେ ଅନ୍ୟ ୫ ଜଣ ଲୋକାଲ କେସ୍ ବୋଲି ଜଣାପଡିଥିଲା। ତେଣୁ ଅଞ୍ଚଳର ଅଧିବାସୀଙ୍କ ମଧ୍ୟରେ ଗୋଷ୍ଠୀ ସଂକ୍ରମଣ ଭୟ ସୃଷ୍ଟି ହୋଇଥିଲା। ସଂକ୍ରମିତମାନେ ବହୁ ଲୋକଙ୍କ ସଂସ୍ପର୍ଶରେ ଆସିଛନ୍ତି। ତେଣୁ ସ୍ୱାସ୍ଥ୍ୟ ବିଭାଗ ଓ ପ୍ରଶାସନ ପକ୍ଷରୁ ସଂକ୍ରମିତଙ୍କ କଣ୍ଟାକ୍ଟ ଟ୍ରେସିଂ, ସର୍ଭିଲେନ୍ସ ବୁଧବାରଠାରୁ ଆରମ୍ଭ ହୋଇଛି। ସମସ୍ତଙ୍କୁ ଘରେ ରହିବାକୁ ପରାମର୍ଶ ଦିଆଯାଇଛି। କଣ୍ଟେନମେଣ୍ଟ ଅଞ୍ଚଳର ଲୋକଙ୍କ ପାଇଁ ଜରୁରୀ ଔଷଧ ଓ ଗ୍ରୋସରି ସାମଗ୍ରୀ ଯୋଗାଣ ନେଇ ଅନୁଧ୍ୟାନ କରିବାକୁ ଡୁଙ୍ଗୁରିପାଲି ଏବିଡିଓ ଆନନ୍ଦ ଚନ୍ଦ୍ର ମିଶ୍ର ଏବଂ ଯୋଗାଣ ନିରୀକ୍ଷକ ଜଗନ୍ନାଥ ଭୋଇଙ୍କୁ ଦାୟିତ୍ୱ ଦିଆଯାଇଛି। ରାମପୁର ତହସିଲଦାର ଯୁଗଳ କିଶୋର ବିଶ୍ୱାଳଙ୍କୁ ଆଇନଶୃଙ୍ଖଳା, ଡୁଙ୍ଗୁରିପାଲି ସିଏଚ୍‌ସିର ମେଡିକାଲ ଅଫିସର ଡାକ୍ତର ପାର୍ଥ ପ୍ରତିମ ପଣ୍ଡାଙ୍କୁ ସ୍ୱାସ୍ଥ୍ୟ ସମ୍ପର୍କିତ ବିଷୟ ବୁଝିବାକୁ କୁହାଯାଇଛି। ଡୁଙ୍ଗୁରିପାଲି ବିଡିଓ ସହଦେବ ସମାଧିଆଙ୍କୁ ସମସ୍ତ ଦାୟିତ୍ୱ ବୁଝିବା ସହ ଜିଲା ପ୍ରଶାସନ ସହିତ ଯୋଗସୂତ୍ର ରଖିବାକୁ କୁହାଯାଇଛି।

## ପୋଲ ନିର୍ମାଣ ଲାଗି ମିଳିଲା କେନ୍ଦ୍ରର ମଞ୍ଜୁରୀ

ପଦ୍ମପୁର, ୮।୭(ଡି.ଏନ୍.ଏ.)

ଦୀର୍ଘଦିନର ପ୍ରତୀକ୍ଷା ପରେ ବାସୁଦେବପୁର ବ୍ଲକ ଅଧୀନ କରଞ୍ଜଆଡ଼ିଆ ପଞ୍ଚାୟତର ବାଲିଆପାଳ ଓ ବାଲିମେଦ ପଞ୍ଚାୟତର ଚାରବାଟିଆ ଘାଟର ମନ୍ତେଇ ନଦୀ ଉପରେ ପୋଲ ନିର୍ମାଣ ପାଇଁ ଅନ୍ତର୍ଦେଶୀୟ ଜଳପଥ ନିର୍ମାଣ କର୍ତ୍ତୃପକ୍ଷ ଏନ୍‌ଓସି ପ୍ରଦାନ କରିଛନ୍ତି। ଏନେଇ ଅନ୍ତର୍ଦେଶୀୟ ଜଳପଥ ନିର୍ମାଣ କର୍ତ୍ତୃପକ୍ଷ ଓଡ଼ିଶାର ବିଭାଗୀୟ ମୁଖ୍ୟଯନ୍ତ୍ରୀଙ୍କ ଚିଠି ସଂଖ୍ୟା ୨୪୮୫୨/୪।୧୦।୧୮ର ଉତ୍ତରରେ ଚିଠି ସଂଖ୍ୟା ୧୧୫/୨୦୧୮-୧୪୫,୨୦୨୦ରେ ଏନ୍‌ଓସି ଦେବା ସହ ପୋଲ ନିର୍ମାଣ କାର୍ଯ୍ୟର ସାପ୍ତାହିକ ଅଗ୍ରଗତି ସମ୍ପର୍କରେ ବିଭାଗକୁ ଅବଗତ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ, ଦୀର୍ଘ ଦଶନ୍ଧି ଧରି ଏହି ଦୁଇ ଘାଟ ଦେଇ ବାସୁଦେବପୁର ବ୍ଲକର ୧୨ ପଞ୍ଚାୟତ, ଭଦ୍ରକର ୪ ପଞ୍ଚାୟତ, ତିହିଡ଼ି ଓ ଚାନ୍ଦବାଲିର ୧୦ରୁ ଅଧିକ ପଞ୍ଚାୟତର ଲୋକେ ପ୍ରତ୍ୟହ ଯାତାୟାତ କରିଥାନ୍ତି। ପୋଲ ନିର୍ମାଣ



ଚାରବାଟିଆ ଘାଟରେ ଲୋକେ ଡଙ୍ଗାରେ ନଦୀ ପାର ହେଉଛନ୍ତି।

**ବାଲିଆପାଳ,ଚାରବାଟିଆ ଘାଟ**

ପାଇଁ ଅଞ୍ଚଳବାସୀ ଦୀର୍ଘଦିନ ହେବ ଦାବି କରିବା ସହ ଅନଶନ କରିଆସୁଥିଲେ ମଧ ବିଭାଗୀୟ କର୍ତ୍ତୃପକ୍ଷ ବିଭିନ୍ନ ଆଳ ଦେଖାଇ ପୋଲ ନିର୍ମାଣ କାର୍ଯ୍ୟ ଆରମ୍ଭ କରୁ ନ ଥିଲେ। ତେବେ ପୋଲ ନିର୍ମାଣ ଲାଗି ମଞ୍ଜୁରୀ ମିଳିବା ପରେ ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ପ୍ରଧାନମନ୍ତ୍ରୀଙ୍କୁ ଅଞ୍ଚଳବାସୀ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ବିଦ୍ୟୁତ୍ ସମସ୍ୟା ନେଇ ନାଗରିକ କମିଟିର ଉଦ୍‌ବେଗ

ପାଇକମାଲ, ୮।୭ (ଡି.ଏନ.ଏ)

ବରଗଡ ଜିଲା ପାଇକମାଲ ନାଗରିକ କମିଟିର ଏକ ବୈଠକ ସଭାପତି ମନୋଜ କୁମାର ତ୍ରିବେଦୀଙ୍କ ସଭାପତିତ୍ୱରେ ସ୍ଥାନୀୟ ଧର୍ମଶାଳାଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। କମିଟି ସମ୍ପାଦକ ନୀଳମଣି ପଣ୍ଡା ବୈଠକର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ପାଇକମାଲ ବସ୍ତି ମଧଦେଇ ବିଜୁ ଏକ୍ସପ୍ରେସ ୱେ କାମ କରାଯାଇଛି। ହେଲେ ଡ୍ରେନ କାମ ନ ହେବା, ବସ୍ତି ମଧ ଦେଇ ୩୩ କେଭି ବିଦ୍ୟୁତ ସରବରାହକୁ ବନ୍ଦ କରିବା ଓ ନିତିଦିନ ବଜାର ବସୁଥିବା ସ୍ଥାନ ପରିବର୍ତ୍ତନ, ରାସ୍ତାକଡରେ ମାଛ, ମାଂସ ନ ବିକିବା ବିଷୟରେ ବୈଠକରେ ଆଲୋଚନା କରାଯାଇଥିଲା। ବିଜୁ ଏକ୍ସପ୍ରେସ ୱେ ପାଇଁ ପାଇକମାଲ ଶିବ ମନ୍ଦିର ସହ ଅନ୍ୟ ମନ୍ଦିରଗୁଡ଼ିକୁ ଅନ୍ୟତ୍ର ସ୍ଥାନାନ୍ତର ପ୍ରସଙ୍ଗ ଆଲୋଚନା ପରିସରକୁ ଆସିଥିଲା। ପାଇକମାଲ ଅଞ୍ଚଳରେ ସାମାନ୍ୟ ବର୍ଷାରେ ବିଜୁଳି କାଟ୍ ହେଉଥିବାରୁ ବିଭାଗୀୟ ଯନ୍ତ୍ରୀ ମନୋଜ କୁମାର ମେହେରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ବିନୋଦ କୁମାର କଳିଆ, ରାମରତନ ପୁରୋହିତ, ଶରତ ବଡପଣ୍ଡା, ପ୍ରେମ ସାଗର ଫୌଜଦାର, ଜଗମୋହନ ତ୍ରିବେଦୀ, ରାଜ କୁମାର ସାହୁ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## କରୋନା ସଂକ୍ରମଣ ନେଇ ସୋସିଆଲ ମିଡିଆରେ ମିଥ୍ୟା ପୋଷ୍ଟ

ବଲାଙ୍ଗୀର ଅଫିସ, ୮।୭

କରୋନା ସଂକ୍ରମଣକୁ ନେଇ ବଲାଙ୍ଗୀରରେ ସୋସିଆଲ ମିଡିଆରେ ଘଡିକେ ଘୋଡା ଛୁଟୁଛି। ରାଜ୍ୟ ସରକାର କି ଜିଲା ପ୍ରଶାସନ କରୋନା ସଂକ୍ରମଣ ନେଇ କିଛି ବି ସୂଚନା ଦେବା ପୂର୍ବରୁ କେତେକ ଲୋକ ସୋସିଆଲ ମିଡିଆରେ ମିଥ୍ୟା ସୂଚନା ଦେଉଛନ୍ତି। ଏଭଳି ଏକ ଘଟଣାକୁ ନେଇ ଟାଉନ୍ ଥାନାରେ ବୁଧବାର ଏକ ମାମଲା ରୁଜୁ

**ଥାନାରେ ଅଭିଯୋଗ କଲେ ମିକଶ୍ଚର ଦୋକାନୀ**

ହୋଇଛି। ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ କରାଯାଇଛି। ବଲାଙ୍ଗୀରର ଏକ ମିକ୍‌ଶ୍ଚର ଓ ମିଠା ଦୋକାନ ମାଲିକ କରୋନା ସଂକ୍ରମିତ ହୋଇଥିବା ସୂଚନା ଦେଇ ଏହି ଦୋକାନରୁ ଲୋକେ ସତର୍କତାର ସହ ଜିନିଷ କିଣନ୍ତୁ ବୋଲି କେହି ଜଣେ ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ। ଏଭଳି ଏକ ମିଥ୍ୟା ପୋଷ୍ଟ ସମ୍ପର୍କରେ ଜଣାପଡିବା ପରେ ସମ୍ପୃକ୍ତ ଦୋକାନ ମାଲିକ ତେଜରାଜ ମେହେର ଟାଉନ୍ ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୋଲିସ ଏକ ମାମଲା (ନଂ.୨୯୩/୨୦) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ବ୍ୟବସାୟିକ ଅଭିସନ୍ଧି ରଖି କେହି ଜଣେ ଏଭଳି ମିଥ୍ୟା ପୋଷ୍ଟ କରିଥିବା ଅନୁମାନ କରାଯାଉଛି। ଏନେଇ ତଦନ୍ତ ଚାଲିଛି। ତଦନ୍ତ ଶେଷ ହୋଇନାହିଁ ବୋଲି ଟାଉନ ଥାନା ଅଧିକାରୀ ସଂଗ୍ରାମ କେଶରୀ ପଟ୍ଟନାୟକ କହିଛନ୍ତି।

## ମିଳୁନି ଆମ୍ବୁଲାନ୍ସ ସେବା

ଲୋଇସିଂହା, ୮।୭(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଲୋଇସିଂହା, ଆଗଲପୁର ଓ ପଡୋଶୀ ସୁବର୍ଣ୍ଣପୁର ଜିଲା ତରଭା ଓ ବରଗଡ ଜିଲା ଗାଇସିଲାଟ ବ୍ଲକର ଅଧିବାସୀ ନିର୍ଭର କରନ୍ତି। ହେଲେ ସ୍ୱାସ୍ଥ୍ୟକେନ୍ଦ୍ରର ଆମ୍ବୁଲାନ୍ସ ଅଚଳ ହୋଇପଡିଛି। ଏଥିଯୋଗୁ ଚିକିତ୍ସିତ ରୋଗୀ ଓ ଦୁର୍ଘଟଣାଜନିତ ବ୍ୟକ୍ତି ଅନେକ ସମୟରେ ହଟହଟାର ସମ୍ମୁଖୀନ ହେଉଛନ୍ତି। ନୂଆ ଆମ୍ବୁଲାନ୍ସ ଯୋଗାଇ ଦେବା ପାଇଁ ଅଞ୍ଚଳବାସୀ ଓ ବିଭିନ୍ନ ଅନୁଷ୍ଠାନ ଦାବି କରି ଆସୁଥିଲେ ସୁଦ୍ଧା ସୁଫଳ ମିଳୁନାହିଁ। ଗତ ଡିସେମ୍ବରରେ ଆନ୍ଦୋଳନ ବେଳେ ଆମ୍ବୁଲାନ୍ସ ଯୋଗାଣ ସମେତ କେତେକ ଦାବି ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଓ ସ୍ଥାନୀୟ ଜନ ପ୍ରତିନିଧିଙ୍କ ନିକଟରେ କରାଯାଇଥିଲା। ହେଲେ ଅଦ୍ୟାବଧି ଏହାର ସମାଧାନ ହୋଇନାହିଁ। ଏପରି କି ଅଚଳ ଆମ୍ବୁଲାନ୍ସ ମଧ୍ୟ ମରାମତି ହୋଇନାହିଁ। ବରଗଡ-ବଲାଙ୍ଗୀର ୨୬ ନଂ. ଜାତୀୟ ରାଜପଥ କଡରେ ଏହି ଡାକ୍ତରଖାନା ଅବସ୍ଥିତ। ଅନେକ ସମୟରେ ଦୁର୍ଘଟଣାଜନିତ କେସ୍ ଆସିଥାଏ। ଦୁର୍ଘଟଣାରେ ଗୁରୁତରଙ୍କୁ ପ୍ରାଥମିକ ଚିକିତ୍ସା ପରେ ବଲାଙ୍ଗୀରକୁ ସ୍ଥାନାନ୍ତର ପାଇଁ ଡାକ୍ତର ପରାମର୍ଶ ଦେଇଥାନ୍ତି। ହେଲେ ୧୦୮ ଆମ୍ବୁଲାନ୍ସ ମଧ୍ୟ ଏଠି ଉପଲବ୍ଧ ନ ଥିବାରୁ ଅନେକ ସମୟରେ ଫୋନ କରି ହଇରାଣ ହୋଇଥାନ୍ତି ରୋଗୀ ପରିଜନ। ଗତ ୩ ତାରିଖ ଅପରାହ୍ନରେ ଲୋଇସିଂହା-ପଦ୍ମପୁର ରାସ୍ତାର କୁଟେନପାଲି ଛକଠାରେ ଅଟୋ ଓ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ୩ଜଣ ଗୁରୁତର ହୋଇଥିଲେ। ସେମାନଙ୍କୁ ଉଦ୍ଧାର କରି ଲୋଇସିଂହା ଡାକ୍ତରଖାନା ଅଣାଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ୧୦୮ଯୋଗେ ଜଣକୁ ବଲାଙ୍ଗୀର ପଠାଯାଇଥିଲା। ହେଲେ ଦୀର୍ଘ ୩ ଘଣ୍ଟା ସମୟ ଆମ୍ବୁଲାନ୍ସ ନ ମିଳିବାରୁ ୨ ଗୁରୁତର ଡାକ୍ତରଖାନାରେ ଯନ୍ତ୍ରଣା ଛଟପଟ ହୋଇଥିବା ଏକ ସଂଗଠନର କର୍ମକର୍ତ୍ତା ଓ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ପ୍ରତିମା ସୋରେନଙ୍କୁ ତାଙ୍କ ମୋବାଇଲ ଫୋନ ନଂ.୯୭୭୭୦୪୬୪୧୦ରେ ଯୋଗାଯୋଗ କରାଯାଇଥିଲ। ହେଲେ ସେ ଫୋନ ରିସିଭ ନ କରିବାରୁ ପ୍ରତିକ୍ରିୟା ମିଳିପାରିନାହିଁ।

## ୧୫ ଦିନରେ ବଲମ-ଟୁସୁଲା ରାସ୍ତା ନିର୍ମାଣ କର

ଦେବଗଡ,୮।୭(ଡି.ଏନ.ଏ)

ଦେବଗଡ଼ ଜିଲା ବଲମ-ଟୁସୁଲା ପୂର୍ତ୍ତ ବିଭାଗ ରାସ୍ତା ୧୫ଦିନ ମଧ୍ୟରେ ନିର୍ମାଣ କରାଯାଉ। ନ ହେଲେ ଆନ୍ଦୋଳନ କରାଯିବ। ଦେବଗଡ ଜିଲା କଂଗ୍ରେସ ପକ୍ଷରୁ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ନାରାୟଣ ପଟେଲଙ୍କୁ ଏକ ଦାବିପତ୍ର ପ୍ରଦାନ କରି ଦଳ ଏଭଳି ଚେତାବନୀ ଦେଇଛି। ଦୀର୍ଘ ବର୍ଷ ଧରି ବଲମ ନିକଟସ୍ଥ ୪୯ନମ୍ବର ଜାତୀୟ ରାଜପଥଠାରୁ ଟୁସୁଲା ପର୍ଯ୍ୟନ୍ତ ଯାଇଥିବା ରାସ୍ତା ମରାମତି କରାଯାଇନି। ରାସ୍ତା ଖାଲଖମାରେ ପରିପୂର୍ଣ୍ଣ ହୋଇଛି। ୨୦୧୯ରୁ ଉକ୍ତ ନିର୍ମାଣ ପାଇଁ ଟେଣ୍ଡର ପ୍ରକ୍ରିୟା ସରିଛି। ହେଲେ ଟେଣ୍ଡର ପାଇଥିବା ନିର୍ମାଣକାରୀ ସଂସ୍ଥା ଏପର୍ଯ୍ୟନ୍ତ ନିର୍ମାଣ ଆରମ୍ଭ କରୁନି। ପୁଣି ଥରେ ବରଂ ଉକ୍ତ ରାସ୍ତା ୩୮ ଲକ୍ଷ ଟଙ୍କା ବ୍ୟୟରେ ମରାମତି କରାଯିବା ପାଇଁ ବିଭାଗ ପ୍ରସ୍ତୁତ ହେଉଛି ବୋଲି ଅଭିଯୋଗପତ୍ରରେ ଦର୍ଶାଯାଇଛି। ଏ ସମ୍ପର୍କରେ ଉଚ୍ଚ ଅଧିକାରୀଙ୍କୁ ଅବଗତ କରିବେ ବୋଲ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ପଟେଲ କହିଛନ୍ତି। ଜିଲା କଂଗ୍ରେସ ସଭାପତି ଉମାଶଙ୍କର ସାହୁଙ୍କ ନେତୃତ୍ୱରେ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ଭେଟିଥିଲେ।

## ଅସହାୟ ବୃଦ୍ଧାଙ୍କୁ ଉଦ୍ଧାର କଲା ପ୍ରଶାସନ

- ୮ ବର୍ଷ ହେଲା ଗାତ ଖୋଳି ରହୁଥିଲେ
- ବୃଦ୍ଧାଶ୍ରମକୁ ସ୍ଥାନାନ୍ତର ହେଲେ

କପ୍ତିପଦା,୮।୭(ଡି.ଏନ.ଏ)

ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ୍ ଶରତ ପଞ୍ଚାୟତ ଅନ୍ତର୍ଗତ ରଙ୍ଗାମାଟିଆ ଗ୍ରାମ ୮ ନମ୍ବର ୱାର୍ଡର ଜଣେ ଅସହାୟ ବିଧବା ବୃଦ୍ଧାଙ୍କୁ ପ୍ରଶାସନ ଉଦ୍ଧାର କରିଛି। ଜିଲାପାଳଙ୍କ ନିର୍ଦ୍ଦେଶରେ ପ୍ରଶାସନିକ ଅଧିକାରୀମାନେ ତାଙ୍କୁ ଉଦ୍ଧାର କରିବା ସହିତ ବାରିପଦାସ୍ଥିତ ବୃଦ୍ଧାଶ୍ରମରେ ଛାଡ଼ିଥିବା ସୂଚନା ମିଳିଛି। ବୃଦ୍ଧା ଜଣକ ହେଲେ ସୁଲୋଚନା ମହାକୁଡ(୭୦)। ପୁଅ ବୋହୂ ନ ପଚାରିବା ଓ ମୁଣ୍ଡ ଗୁଞ୍ଜିବାକୁ ଘର ଖଣ୍ଡେ ନ ଥିବାରୁ ଦୀର୍ଘ ୮ ବର୍ଷ ହେଲା ସେ ଏକ ପଡ଼ିଆ ମଝିରେ ଗାତ ଖୋଳି ସେହି ଗାତ ମଧ୍ୟରେ ରହି ଆସୁଥିବା ଗ୍ରାମବାସୀ କହିଛନ୍ତି। ଖରାବର୍ଷା ଶୀତ କାକରରୁ ରକ୍ଷା ପାଇବା ପାଇଁ ସେହି ଗାତ ଉପରେ ଏକ ପଲିଥିନ ପକାଇ ଜୀବନ ବିତାଇ ଆସୁଥିଲେ। କାମ କରି ରୋଜଗାର କରିବା ପାଇଁ ତାଙ୍କ ଅଣ୍ଟାରେ ବଳ ମଧ ନାହିଁ। କେବଳ ଅନ୍ନପୂର୍ଣ୍ଣା ଯୋଜନାରେ ମିଳୁଥିବା ମାସକୁ ୧୦ କେ.ଜି ଚାଉଳ ତାଙ୍କର ଜୀବନ ବଞ୍ଚାଇଛି । ତାଙ୍କ ଦୁର୍ଦ୍ଦଶା ସମ୍ପର୍କରେ ଖବରପାଇ ଓଡ଼ିଶା କୃଷି ଶିଳ୍ପ ନିଗମର ଅଧକ୍ଷ ଦେବାଶିଷ ମହାନ୍ତି ଓ କରଞ୍ଜିଆ ବିଧାୟିକା ବାସନ୍ତି ହେମ୍ବ୍ରମ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶରେ ଡିଏସଏସଓ ନରେଶ ଚନ୍ଦ୍ର ବିନ୍ଧାଣୀ, ଆରଡିଏସି ସଂପାଦକ ବିଜୟ କୁମାର ବେହେରା ଓ ଦିଲ୍ଲୀପ ରାଉତ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଅସହାୟ ବୃଦ୍ଧାଙ୍କୁ ଉଦ୍ଧାର କରିଥିଲେ।



ଅସହାୟ ବୃଦ୍ଧା ସୁଲୋଚନା ମହାକୁଡ଼।

